ଫାଇନାଲ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୪୧ ● ୮ ମାର୍ଚ୍ଚ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-41 ● 8th March 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-412



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା

ଅନ୍ତର୍ଜାତୀୟ
ମହିଳା ଦିବସ ଅବସରରେ

## ସୁଭଦ୍ରା
## ଦ୍ୱିତୀୟ କିସ୍ତି

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ପ୍ରାୟ ୧ କୋଟି ହିତାଧିକାରୀଙ୍କୁ
ପାଖାପାଖି ୫ ହଜାର କୋଟି ଟଙ୍କାର
ଆର୍ଥିକ ସହାୟତା ପ୍ରଦାନ

୮ ମାର୍ଚ୍ଚ ୨୦୨୫ | ବ୍ରହ୍ମପୁର



କୋଟିଏ ମହିଳା ଗୋଟିଏ କଥା,
ସଭିଙ୍କ ମୁହଁରେ ବିକାଶ ଗାଥା

ଘରେ ଘରେ ସୁଭଦ୍ରା

OIPR : 33001/13/0079/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

୬ବିସିସିଆଇର ଏ+ ଚୁକ୍ତିରୁ ବାଦ୍ ପଡ଼ିବେ ରୋହିତ, ବିରାଟ ଓ ଜାଡେଜା !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika

ପୃଷ୍ଠା–୩
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୪୧ ● ୮ ମାର୍ଚ୍ଚ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-41 ● 8th March 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୪୨ କୋଟି ବ୍ୟୟରେ ୧୪ଟି ନବନିର୍ମିତ ଥାନା ଗୃହ ଉଦ୍‌ଘାଟିତ

# ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍ : ଏଫ୍ଆଇଆର ଗ୍ରହଣ ନକଲେ କାର୍ଯ୍ୟାନୁଷ୍ଠାନ




ଭୁବନେଶ୍ୱର,୭/୩
ନ୍ୟୁଜ ବ୍ୟୁରୋ

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କମିଶନରେଟ ପୋଲିସ ଅନ୍ତର୍ଗତ ଭୁବନେଶ୍ୱରର ନୟାପଲ୍ଲୀ ଥାନା ଠାରେ ଆଭାସୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪ଟି ନବନିର୍ମିତ ଥାନା ଗୃହ ଉଦ୍‌ଘାଟନ କରିଛନ୍ତି।

ସୂଚନା ଯୋଗ୍ୟଯେ, ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ସହିତ ଅନୁଗୁଳ ଜିଲ୍ଲାର ସମଲ ଓ ସଦର ଥାନା, ବରଗଡ଼ ଜିଲ୍ଲାର ଭେଡେନ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ ଥାନା, କୋରାପୁଟ ଜିଲ୍ଲାର ସୁଙ୍କି ଓ କୋରାପୁଟ ଟାଉନ ଥାନା, ମାଲକାନଗିରି ଜିଲ୍ଲାର କୋରକୁଣ୍ଡା, କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, କମିଶନରେଟ ପୋଲିସ ଅନ୍ତର୍ଗତ କଟକର ସି.ଆର.ଆର.ଆଇ ଏବଂ ମଙ୍ଗଳାବାଗ ଥାନା, ଜଗତସିଂହପୁର ଜିଲ୍ଲାର ପାରାଦୀପ ଲକ୍ ଥାନା, ଯାଜପୁର ଜିଲ୍ଲାର ଧର୍ମଶାଳା ଓ କୋରେଇ ଥାନାର ନବନିର୍ମିତ ଥାନା ଗୃହ ଉଦଘାଟନ କରିଛନ୍ତି ।

ଏହି ଅବସରରେ ନବନିର୍ମିତ ନୟାପଲ୍ଲୀ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସମୁଦାୟ ୪୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୧୪ଟି ଥାନାର ଅଧିକାରୀ ଓ କର୍ମଚାରୀ ମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ । ଏହି ଥାନା ଗୁଡିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ସୂଚନା ଯୋଗ୍ୟ ଯେ, ଏହି ନବ ନିର୍ମିତ ଥାନା ଗୁଡିକରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ବ୍ୟବସ୍ଥା, ବିଲ୍ଡିଂ ଏବଂ ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ଏବଂ ଯୋଗାଯୋଗ କୋଠରୀ, ଆଧୁନିକ ମାଲଖାନା, ଅଭ୍ୟର୍ଥନା କକ୍ଷ ଏବଂ ମହିଳା ଓ ଶିଶୁ ହେଲ୍ପ ଡେସ୍କ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଶିଶୁସଦନ, ଶିଶୁ ସ୍ତନ୍ୟପାନ କକ୍ଷ, ଯାନ ବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହିତ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି। ସେଥିପାଇଁ ଆମ ସରକାର ଆସିବା ପରେ ଥାନା ଗୁଡିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମୋର ପରାମର୍ଶ, ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣ ମାନଙ୍କୁ ଉତ୍ତମ ବ୍ୟବହାର କରନ୍ତୁ। କାରଣ (ପୃଷ୍ଠା ୭ରେ)

## ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ଓ ମହିଳା ସୁରକ୍ଷା ପ୍ରସଙ୍ଗ ନେଇ

# ବିଧାନସଭାରେ ଅଚଳାବସ୍ଥା : ସୋମବାର ଯାଏଁ ଗୃହ ମୁଲତବୀ



ଭୁବନେଶ୍ୱର, ୭/୩
ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ କରି ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଓ ଅପମାନ କରିଥିବା ଅଭିଯୋଗ ଦର୍ଶାଇ ଶୁକ୍ରବାର ବିଧାନସଭା ବୈଠକ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ବିରୋଧି ଦଳ ବିଜେଡିର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ତୀବ୍ର ପ୍ରତିବାଦ ଜଣାଇବା ସହ ହାତରେ ପୋଷ୍ଟର ଧରି ପ୍ରଦର୍ଶନ କରିଥିଲେ ଏବଂ ଉଚ୍ଚସ୍ୱରରେ ସରକାରଙ୍କ ବିରୋଧରେ ନାରାବାଜି ଚଳାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନାରୀ ନିର୍ଯ୍ୟାତନା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପ୍ରତିବାଦରେ ମଧ୍ୟ ଗୃହ ମଝିକୁ ଆସି ଶ୍ଲୋଗାନ ଦେଇଥିଲେ। ଏଥି ଯୋଗୁଁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ବାଚସ୍ପତି ସୁରମା ପାଢୀ ଗୃହକୁ ଏକାଧିକ ବାର ମୁଲତବୀ କରିବାକୁ ବାଧ ହୋଇଥିଲେ।

୧୩ଦିନର ବିରତି ପରେ ଶୁକ୍ରବାର ସପ୍ତଦଶ ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହୋଇଥିଲା। ତେବେ ବୈଠକ ଆରମ୍ଭ ହେବାମାତ୍ରେ ମୁଖ୍ୟ ବିରୋଧି ଦଳ ବିଜେଡ଼ି ଏବଂ ଅନ୍ୟତମ ବିରୋଧି ଦଳ କଂଗ୍ରେସ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ବାଚସ୍ପତିଙ୍କ ପୋଡ଼ିୟମ୍ ସମ୍ମୁଖରେ ପୋଷ୍ଟର ପ୍ରଦର୍ଶନ ସହ ହୋହାଲ୍ଲା, ନାରାବାଜି ଆରମ୍ଭ କରିଥିଲେ। ଯେଉଁଥିପାଇଁ ଗୃହକାର୍ଯ୍ୟ ଆରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା। ହଟ୍ଟଗୋଳଜନିତ ଅଚଳାବସ୍ଥା ଏଡ଼ାଇବା ପାଇଁ ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧିଦଳ ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରନ୍ତୁ ଓ ନିଜ ନିଜ ଆସନକୁ ଫେରିଯାଆନ୍ତୁ ବୋଲି ବାରମ୍ବାର ନିବେଦନ କରିଥିଲେ ମଧ୍ୟ ସେଥିପ୍ରତି ବିରୋଧି ବିଧାୟକମାନେ ଧ୍ୟାନ ନ ଦେଇ ନାରାବାଜି ଜୋର୍‌ଦାର କରିଥିଲେ । ଫଳରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହକୁ ପ୍ରଥମେ ଘ.୧୦.୩୫ମିନିଟ୍‌ରୁ ମଧ୍ୟାହ୍ନ ଘ.୧୨ମି. ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଏହାପୂର୍ବରୁ ବାଚସ୍ପତି ବିରୋଧିଦଳର ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ଏବଂ ଏଥିପାଇଁ ବିଦ୍ୟାଳୟ (ପୃଷ୍ଠା ୭ରେ)

## ଜଷ୍ଟିସ୍ ହରୀଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି

କଟକ, ୦୭/୦୩
ନ୍ୟୁଜ ବ୍ୟୁରୋ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ଜଷ୍ଟିସ ହରୀଶ ଟଣ୍ଡନ । ଏନେଇ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି । ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ପଦ ଖାଲି ପଡିଛି । ତେବେ ବର୍ତ୍ତମାନ ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଉଛନ୍ତି । ଖୁବ୍‌ଶୀଘ୍ର ରାଜ୍ୟର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିପାରନ୍ତି ଜଷ୍ଟିସ ଶ୍ରୀ ଟଣ୍ଡନ । ସୁପ୍ରିମକୋର୍ଟ କଲେଜିୟମ ଏନେଇ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ଜଷ୍ଟିସ ହରିଶ ଟଣ୍ଡନଙ୍କୁ ୨୦୧୦ ଏପ୍ରିଲ ୧୩ ତାରିଖରେ କଲିକତା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତି ଦିଆଯାଇଥିଲା । ସେବେଠାରୁ ସେ କଲିକତା ହାଇକୋର୍ଟର ବିଚାରପତି ଦାୟିତ୍ୱ ତୁଲାଇ ଆସୁଛନ୍ତି । ଜଷ୍ଟିସ ଟଣ୍ଡନ ସର୍ବଭାରତୀୟ ହାଇକୋର୍ଟ ବିଚାରପତିଙ୍କ ବରିଷ୍ଠତା ତାଲିକାରେ ସପ୍ତମ ସ୍ଥାନରେ ଅଛନ୍ତି । ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଥିବା ପ୍ରସ୍ତାବରେ ଲେଖାଯାଇଛି, 'ଜଷ୍ଟିସ ହରୀଶ ଟଣ୍ଡନଙ୍କୁ ୨୦୧୦ ଏପ୍ରିଲ ୧୩ ତାରିଖରେ କଲିକତା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତି ଦିଆଯାଇଥିଲା । ହାଇକୋର୍ଟର ବିଚାରପତି ଭାବରେ ସେ ପଦୋନ୍ନତି ପୂର୍ବରୁ, ସେ କଲିକତା ହାଇକୋର୍ଟରେ ଦେୱାନୀ ମାମଲାରେ ପ୍ରାକ୍ଟିସ କରୁଥିଲେ । ନ୍ୟାୟ ପ୍ରଦାନ କରିବାରେ ତାଙ୍କର ଉଚ୍ଚକୋଟୀର ଅଭିଜ୍ଞତା ରହିଛି । ତାଙ୍କୁ ଜଣେ ଦକ୍ଷ ବିଚାରପତି ଭାବେ ବିବେଚନା କରାଯାଏ।' ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଚଳିତ (ପୃଷ୍ଠା ୭ରେ)

## ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ଲଘୁ ଖଣିଜ ପଦାର୍ଥର ବେଆଇନ୍ ଖନନ ଓ ପରିବହନକୁ ରୋକିବା ପାଇଁ ବ୍ୟାପକ ଚଢଉ ନିର୍ଦ୍ଦେଶ

ଭୁବନେଶ୍ୱର, ୭/୩
ନ୍ୟୁଜ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ରାଜ୍ୟ ପ୍ରଶାସନ ଏବଂ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି ଏବଂ ଡିଆଇଜିମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ଗତ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀରେ



ଅନୁଷ୍ଠିତ ମୁଖ୍ୟ ଶାସନ ସଚିବମାନଙ୍କ ୪ର୍ଥ ଜାତୀୟ ସମ୍ମିଳନୀ, ଗତ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ତିନି ଦିନିଆ ୫୯ତମ ଡିଜିପି-ଆଇଜିପି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିର ଜିଲ୍ଲା ସଂପର୍କିତ କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ। ଡିଡିପି-ଆଇଜିପି ସମ୍ମିଳନୀରେ ପ୍ରସ୍ତାବିତ ୧୦୮ଟି ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ବିଭିନ୍ନ ଜିଲ୍ଲାରେ ମୋବାଇଲ ନେଟ୍‌ୱାର୍କ ସୁଦୃଢୀକରଣ ଏବଂ ସଡକ ସଂଯୋଗୀକରଣ ସ୍ଥିତି ସମୀକ୍ଷା କରାଯାଇ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏଥିସହିତ ବିକଶିତ (ପୃଷ୍ଠା ୭ରେ)

# ଆଦର୍ଶ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହେବ ଦାଦ୍ରା ଓ ନଗର ହାଭେଲି, ଡିଉ ଓ ଦାମନ

ନୂଆଦିଲ୍ଲୀ, ୭/୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାଦରା ଏବଂ ନଗର ହାଭେଲି, ଡିଉ ଏବଂ ଦାମନକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଯୋଗାଯୋଗ ବୃଦ୍ଧି ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପର୍ଯ୍ୟଟନ ସହିତ ଏକ ମଡେଲ କେନ୍ଦ୍ର ଶାସିତ ଅଞ୍ଚଳରେ ବିକଶିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସିଲଭାସାରେ ଏକ ଜନସମାବେଶକୁ ସମ୍ବୋଧିତ କରି ସେ ସାମାଜିକ ସୁରକ୍ଷା ଯୋଜନା ଏବଂ ଶିଳ୍ପ ବିକାଶରେ ଏହି ଅଞ୍ଚଳର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଏବଂ ଆଦିବାସୀ ଜନସଂଖ୍ୟାକୁ ସଶକ୍ତ କରିଛି।

୪୫୦ ଶଯ୍ୟା ବିଶିଷ୍ଟ ନମୋ ହସ୍ପିଟାଲର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିବା ସହ ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟ ସେବା ଓ ଜଳ ଭିତ୍ତିଭୂମିକୁ ଅନ୍ତର୍ଭୁକ୍ତ କରି ୨ ହଜାର ୫୮୭ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ସେ ଶିଳାନ୍ୟାସ କରିଥିଲେ। ଏହି ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ମିଶନ ମାନୁଫାକ୍ଚରିଂର ଭୂମିକା ଉପରେ ମଧ୍ୟ ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ। ଏହାପରେ ସେ ସୁରଟ ଯାଇ ସୁରଟ



ଖାଦ୍ୟ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ୨ ଲକ୍ଷ ଲୋକ ଉପକୃତ ହେବେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ସେ ନବସାରୀଠାରେ ଆୟୋଜିତ 'ଲକ୍ଷପତି ଦିଦି ସମ୍ମିଳନୀ'ରେ ଯୋଗ ଦେବେ, ଯେଉଁଠାରେ ସେ ସ୍ୱୟଂ ସହାୟକ ଗୋଷ୍ଠୀର ୨.୫ ଲକ୍ଷ ମହିଳାଙ୍କୁ ୪୫୦ କୋଟି ଟଙ୍କା ସହାୟତା ପ୍ରଦାନ କରିବେ।

# ଭାରତ-ଆମେରିକା ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଆଲୋଚନା

ନୂଆଦିଲ୍ଲୀ,୭/୩

ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ଏକ ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାକୁ ଆଗେଇ ନେବା ପ୍ରକ୍ରିୟାରେ ଅଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଶୁକ୍ରବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ଉଭୟ ପକ୍ଷ ପାରସ୍ପରିକ ଲାଭଦାୟକ, ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାକୁ ଯୋଜନା ଘୋଷଣା କରିଥିଲେ। ସେ କହିଛନ୍ତି ଯେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ

Ministry of External Affairs
Government of India

ଆମେରିକାରେ ଅଛନ୍ତି ଏବଂ ତାଙ୍କ ପ୍ରତିପକ୍ଷଙ୍କୁ ଭେଟିଛନ୍ତି। ଶ୍ରୀ ଜୈସୱାଲ କହିଛନ୍ତି ଯେ ବିଟିଏର ଉଦ୍ଦେଶ୍ୟ ହେଉଛି ଦ୍ୱିପାକ୍ଷିକ ବାଣିଜ୍ୟକୁ ସୁଦୃଢ଼ ଏବଂ ଗଭୀର କରିବା, ବଜାର ପ୍ରବେଶ ବୃଦ୍ଧି କରିବା, ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକ ହ୍ରାସ କରିବା ଏବଂ ଯୋଗାଣ ଶୃଙ୍ଖଳା ଏକୀକରଣକୁ ଦୃଢ଼ କରିବା। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ସମୟରେ ସୁରକ୍ଷା ଉଲ୍ଲଂଘନ ସମ୍ପର୍କରେ ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତ ବ୍ରିଟେନ କର୍ତ୍ତୃପକ୍ଷଙ୍କୁ ଗଭୀର ଉଦବେଗ ଜଣାଇଛି।

# ସୁଭାଷ ଶତପଥୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର




ଭୁବନେଶ୍ୱର,୦୭/୦୩
ନ୍ୟୁଜ ବ୍ୟୁରୋ

ଶୁକ୍ରବାର ବିଭିନ୍ନ ଭାଷାର ୨୧ଟି ଅନୁବାଦ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମର୍ଯ୍ୟାଦାଜନକ ଅନୁବାଦ ପୁରସ୍କାର ୨୦୨୪ ଘୋଷଣା କରାଯାଇଛି। ଓଡ଼ିଶାରୁ ବିଶିଷ୍ଟ ଅନୁବାଦକ ତଥା ସାହିତ୍ୟିକ ସୁଭାଷ ଶତପଥୀଙ୍କୁ ଏହି ପୁରସ୍କାର ମିଳିବା ନେଇ ଘୋଷଣା କରାଯାଇଛି। ଶୁକ୍ରବାର ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀ କାର୍ଯ୍ୟକାରୀ ସମିତି ବୈଠକରେ ଏହି ପୁରସ୍କାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଅନୁବାଦକ ସୁଭାଷ ଶତପଥୀ 'କୋକିଶିଆଳିର ଏକକ ନୃତ୍ୟ' ଶୀର୍ଷକ ବିଶିଷ୍ଟ ଇଂରାଜୀ ଲେଖକ ରସ୍କିନ୍ ବଣ୍ଡ୍‌ଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଅନୁବାଦ ପାଇଁ ଏହି ପୁରସ୍କାର ପାଇବେ। ଓଡ଼ିଆ ବିଭାଗର ସମୁଦାୟ ୧୦ଟି ଅନୁବାଦ ପୁସ୍ତକକୁ ଏହି ପୁରସ୍କାର ପାଇଁ 'ସର୍ଟଲିଷ୍ଟ' କରାଯାଇଥିଲା ବୋଲି ଜଣାପଡ଼ିଛି। ଓଡ଼ିଆ ବିଭାଗର ଏହି ପୁରସ୍କାର ନିର୍ଣ୍ଣୟ ପାଇଁ ସାହିତ୍ୟ ଅକାଡେମୀ ପକ୍ଷରୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖରାଦିନ ଭୟ କଲବଲ କରେ
ମିଳୁନାହିଁ ଟିକେ ଛାଇ
ଓଡ଼ିଶା ରାଇଜୁ ଶୁଖିଲାଣି ଧାରା
ହଜିଯିବେ କିବା ନଈ
ସବୁ ସ୍ୱାର୍ଥକୁ ଆଡେଇ ଦେଇ
ପରିବେଶ ପ୍ରତି ଯତ୍ନଟିକେନେଲେ
ବଞ୍ଚି ଯିବା ନିଷ୍ଚେଭାଇ

# ଟି-୭୨ ଟ୍ୟାଙ୍କ ଲାଗି ଋଷିଆରୁ ଇଞ୍ଜିନ କ୍ରୟ କରିବ ପ୍ରତିରକ୍ଷା ମନ୍ତ୍ରଣାଳୟ



ନୂଆଦିଲ୍ଲୀ ୭ ।୩

ଭାରତୀୟ ସେନାର ଟି-୭୨ ଟ୍ୟାଙ୍କ ନିମନ୍ତେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଋଷିଆରୁ ଇଞ୍ଜିନ କ୍ରୟ କରିବେ । ଏଥି ପାଇଁ ଶୁକ୍ରବାର ଡିଲ ସ୍ୱାକ୍ଷର ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଋଷିଆର ରୋସୋବୋରନଏକ୍ସପୋର୍ଟ ସହିତ ୨୪୮ ମିଲିୟନ ଡଲାରର ରାଜିନାମାରେ ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁସାରେ ଟି-୭୨ ଟ୍ୟାଙ୍କ ନିମନ୍ତେ ୧୦୦୦ ଏଚପିର ଇଞ୍ଜିନ କ୍ରୟ କରାଯିବ। ଏହି ସବୁ ଇଞ୍ଜିନ ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଅବସ୍ଥାରେ ମିଳିବ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ଏହି କାରବାରରେ ଟ୍ରାନ୍ସଫର ଓ ଟେକ୍ନୋଲଜିରେ ଇଞ୍ଜିନକୁ ଯୋଡିବା ଓ ପରେ ଲାଇସେନ୍ସ ପ୍ରାପ୍ତ ଉତ୍ପାଦନ ନିମନ୍ତେ ରୋସୋବୋରନ ଏକ୍ସପୋର୍ଟ ଠାରୁ ଚେନ୍ନାଇର ଆଭାଡିସ୍ଥିତ ଆର୍ମଡ ଭେଇକିଲ୍ ନିଗମ ଲିମିଟେଡକୁ ପ୍ରଦ୍ୟୋଗିକ ହସ୍ତାନ୍ତର ମଧ୍ୟ ସାମିଲ ରହିବ। ଏହାଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ମେକ୍-ଇନ୍-ଇଣ୍ଡିଆକୁ ପ୍ରୋତ୍ସାହନ ମିଳିବ। ଟି-୭୨ ଭାରତୀୟ ସେନାର ମୁଖ୍ୟ ଟ୍ୟାଙ୍କ। ଏହା ଏବେ ୭୫୦ ଏଚପି ଇଞ୍ଜିନରେ ଚାଲୁଛି। ତେବେ ଏହି ଟ୍ୟାଙ୍କଗୁଡିକ ୧୦୦୦ ଏଚପି ଇଞ୍ଜିନର ହେଲେ ଭାରତୀୟ ସେନାର ଆକ୍ରମଣତା ବଢିବ। ୨୪୦୦ ଟି-୭୨ ଟ୍ୟାଙ୍କ ସହିତ ସେନା ଏପର୍ଯ୍ୟନ୍ତ ୧୩୦୦ଟି ଭୀଷ୍ମ ଟ୍ୟାଙ୍କକୁ ମଧ୍ୟ ସାମିଲ କରିଛି। ଏଗୁଡିକୁ ଟି-୯୦ ଟ୍ୟାଙ୍କ କୁହାଯାଉଛି। ଏଥିରୁ ୧୬୫୭ଟି ଟ୍ୟାଙ୍କର ନିର୍ମାଣ ଋଷିଆ ଲାଇସେନ୍ସରେ ହେଭି (ପୃଷ୍ଠା ୭ରେ)

# ଇପିଏଫ୍‌ଓ ୩.୦ ଅପଡେଟ୍: ଏଟିଏମ୍‌ରୁ ଉଠାଇ ପାରିବେ ଟଙ୍କା

ନୂଆଦିଲ୍ଲୀ, ୭/୩

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଖୁବ୍ ଶୀଘ୍ର 'ଇପିଏଫଓ ୩.୦ ସଂସ୍କରଣ' ଆରମ୍ଭ କରିବ, ଯାହା ଗ୍ରାହକଙ୍କୁ ବିନା କୌଣସି ଅସୁବିଧାରେ ଏଟିଏମରୁ ଟଙ୍କା ଉଠାଇବା ପାଇଁ ଅନୁମତି ଦେବ ଏବଂ ଅନେକ ନୂଆ ଫିଚର ଆରମ୍ଭ କରିବ ବୋଲି କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ତେଲେଙ୍ଗାନାରେ ଇପିଏଫଓ ଆଞ୍ଚଳିକ କାର୍ଯ୍ୟାଳୟ ପରିସରକୁ ଉଦଘାଟନ କରି ମନ୍ତ୍ରୀ କହିଥିଲେ ଯେ 'ଇପିଏଫଓ ୩.୦ ସଂସ୍କରଣ' କର୍ମଚାରୀମାନଙ୍କୁ ବ୍ୟାଙ୍କିଂ ଭଳି ସୁବିଧା ପ୍ରଦାନ କରିବ। ମନ୍ତ୍ରୀ କହିଛନ୍ତି ଯେ ଇପିଏଫଓ ୩.୦ କାର୍ଯ୍ୟକାରୀ ହେଲେ ଇପିଏଫଓ ଏକ ବ୍ୟାଙ୍କ ସହ ସମକକ୍ଷ ହୋଇଯିବ। ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ କର୍ମଚାରୀଙ୍କୁ ଇପିଏଫଓ କାର୍ଯ୍ୟାଳୟ କିମ୍ବା ନିଯୁକ୍ତିଦାତାଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ। ଗ୍ରାହକମାନେ ବ୍ୟାଙ୍କ ଆକାଉଣ୍ଟ ଭଳି ନିଜ ୟୁଏଏନ (ୟୁନିଭର୍ସାଲ ଆକାଉଣ୍ଟ ନମ୍ବର)ରେ କାରବାର କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଇପିଏଫଓ ୩.୦ର ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍ ହେଉଛି ଯେ ଗ୍ରାହକମାନେ ଖୁବଶୀଘ୍ର ବ୍ୟାଙ୍କ ଆକାଉଣ୍ଟରୁ ଯେଉଳି ପାଣ୍ଠି ଆକସେସ୍ କରିବେ ସେହିଭଳି ସିଧାସଳଖ ଏଟିଏମରୁ ସେମାନଙ୍କ ଭବିଷ୍ୟନିଧି ପାଣ୍ଠି ଉଠାଇ ପାରିବେ। ଏହି ପରିବର୍ତ୍ତନର ଅର୍ଥ (ପୃଷ୍ଠା ୭ରେ)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୧୯୯୨ ପରଠାରୁ ସର୍ବାଧିକ ଧନୀ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୁଡ଼ୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ତଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ବଧୂ ବିଦେଶିନୀ-୧୮

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୨. ବିଦ୍ୟାଳୟ ନିର୍ମାଣ ପଥେ ମଂଜୁଳିକା



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ (କଲ୍ଲୋଳିନୀ), ସୁହାସୀ, ମଂଜୁଳା ଓ ଶୁଭ୍ରକାନ୍ତ ଯାଇ ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ଗୃହରେ ଉପନୀତ ହେଲୁ। ସମସ୍ତେ ଗୁରୁ ଓ ମାତାଙ୍କୁ ଭୂମିଷ୍ଠ ପ୍ରଣାମ କଲୁ। ସେମାନେ ଅଶେଷ ଆଶିଷ ପ୍ରଦାନ କରି ବସିବାକୁ କହିଲେ। ଆଚାର୍ଯ୍ୟ ଶୁଭ୍ରକାନ୍ତଙ୍କୁ ତାଙ୍କ ପିତା ଓ ଶ୍ୱଶୁରଙ୍କ ପ୍ରଶଂସା କରି ଅନେକ କିଛି କହିଲେ, "ତୁମ୍ଭେ ଓ ମଂଜୁଳିକା ଅତି ଜ୍ଞାନୀ ଓ ମୋର ପୁତ୍ରପୁତ୍ରୀ ସମାନ। ଏ ବିବାହରେ ମୋ ଅପାର ଆନଂଦ। ଯେତେବେଳେ ଚାହିଁବ ମୋ ଗୃହକୁ ଆସିଯିବ।" ଶୁଭ୍ରକାନ୍ତ ହାତଯୋଡି ଅସ୍ତି ବୋଲି ଜଣାଇଲେ। ଏହାପରେ ଗୁରୁଦେବ ତାଙ୍କ ସହ ବାର୍ତ୍ତାଳାପ କରି ଅନେକ ଉପଦେଶ ଦେଇ ଚାଲିଲେ। ଏ ସମୟରେ ପାକଶାଳାକୁ ଗୁରୁମାତା ଯିବାକୁ ଉଠିବାରୁ ଆମ୍ଭେ ତିନି ସଖୀ ତାଙ୍କୁ ସାହାଯ୍ୟ କରିବା ପାଇଁ ବାହାରିଲୁ। ଆମ୍ଭେ ମଂଜୁଳାକୁ ସେଠାରେ ବସି ବାର୍ତ୍ତାଳାପ ଶୁଣିବାପାଇଁ କହି ଗୁରୁମାତାଙ୍କ ସହ ଗଲୁ ଓ ମିଶି ପ୍ରସ୍ତୁତ କରିଥିବା ଜଳପାନ ଆଣିଲୁ।

ଗୁରୁଦେବ ବିଦ୍ୟାଧନର ମହତ୍ତ୍ୱ ଆଦି ବିଷୟରେ କହୁଥାନ୍ତି ଓ ଶୁଭ୍ରକାନ୍ତ ଆଜ୍ଞାବହ ହୋଇ ଶୁଣୁଥାନ୍ତି। ଗୁରୁମାତା ଶୁଭ୍ରକାନ୍ତଙ୍କୁ କହିଲେ "ତୁମ୍ଭେ ତ କାଲି ଓ ପରଦିନ ଏଠାରେ ରହୁଛ, ପରଦିନ ଏ ତିନି କନ୍ୟାଙ୍କ ସହ ସାଂଧ ଭୋଜନପାଇଁ ଆମ୍ଭ ଗୃହକୁ ଆସିବ।" ଆମ୍ଭେ ସମସ୍ତେ ଅସ୍ତିବଚନ ଶୁଣାଇଲୁ। ତା'ପରେ ମୁଁ ଗୁରୁଦେବଙ୍କଠାରୁ ମେଲାଣି ନେବାପାଇଁ ନିବେଦନ କଲି ଓ ତାଙ୍କର ଅନୁମତି ପ୍ରାପ୍ତ ହେଲା। ଆମେ ବାହାରିବା ପୂର୍ବରୁ ମୁଁ ଗୁରୁଦେବଙ୍କୁ କହିଲି, " ଆଚାର୍ଯ୍ୟ, ସୁହାସୀ ଓ ମୁଁ ଭାବୁଥିଲୁ କି ଏହି ଆମ ବଂଧୁବାଂଧବୀ ଜ୍ଞାନଶାଳୀ ଅଟନ୍ତି। ଯଦି ବିଦ୍ୟାପୀଠ ଅନୁମତି ଦିଏ ସେମାନେ ଆମ୍ଭ ଶିକ୍ଷାଦାନ କକ୍ଷରେ ଏ ଦୁଇଦିନ ବସି ସାମୂହିକ ଶିକ୍ଷାଦାନ ବିଷୟରେ ଅନୁଭୂତି ପ୍ରାପ୍ତ ହୁଅନ୍ତେ।" ଗୁରୁ କହିଲେ, "ଉତ୍ତମ, ତୁମ୍ଭେ ଦ୍ୱୟଙ୍କୁ ନେଇ କାଲିଠାରୁ ଶିକ୍ଷାଦାନ କକ୍ଷକୁ ସିଧା ଯାଅ, ମୁଁ ସବୁ ଅଧ୍ୟାପକଙ୍କୁ ଏ ବିଷୟ କହିଦେବି।" ଆମ୍ଭେ ସମସ୍ତେ ପ୍ରଣାମ କରି ପ୍ରତ୍ୟାବର୍ତ୍ତନ କଲୁ।

ପରଦିନ ପ୍ରଭାତରେ ଆମ୍ଭେ ସମସ୍ତେ ବିଦ୍ୟାପୀଠକୁ ଯିବାପାଇଁ ପ୍ରସ୍ତୁତ ହୋଇ ବାହାରି ପଡିଲୁ। ଶିକ୍ଷାଗ୍ରହଣ କକ୍ଷରେ ପହଞ୍ଚ ଆର୍ଯ୍ୟ ଶୁଭ୍ରକାନ୍ତଙ୍କର ପରିଚୟ ଆମ ସହପାଠୀମାନଙ୍କ ସହ କରିଦେଲୁ। ସମସ୍ତେ ତାଙ୍କୁ ଅଭିବାଦନ ଜଣାଇଲେ। ତତ୍ପରେ ଅଧ୍ୟାପକମାନେ ଏକ ପରେ ଏକ ଆସି ବିଦ୍ୟାଦାନ କଲେ। ଅଧ୍ୟାପକମାନେ ମଂଜୁଳା ଓ ଶୁଭ୍ରକାନ୍ତଙ୍କୁ ଆଦର ପୂର୍ବକ ବିଦ୍ୟାଦାନ ସମୟରେ କିଛିକିଛି ପ୍ରଶ୍ନ ପଚାରୁଥଲେ ଓ ସେମାନେ ସଠିକ୍ ଉତ୍ତର ଦେବାରୁ ସେମାନଙ୍କଦ୍ୱାରା ପ୍ରଶଂସିତ ହେଉଥିଲେ। ଏହିପରି ଦୁଇଦିନ ସେମାନେ ବିଦ୍ୟା ଆହରଣ କରି ଆନନ୍ଦିତ ହେଲେ। ଶୁଭ୍ରକାନ୍ତ, ଆମ୍ଭଦୁହିଁଙ୍କୁ ଆଭାର ପ୍ରକଟ କରି ଅଧ୍ୟାପକ ବର୍ଗ, ଅଧ୍ୟୟନ ଶୈଳୀ, ଜ୍ଞାନ ଦାନ ଆଦିର ଭୂୟସୀ ପ୍ରଶଂସା କରି ଏହା ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅନୁଭୂତି ବୋଲି ଆମ୍ଭକୁ କହିଲେ । ଶୁଭ୍ରକାନ୍ତ ନିଜ କକ୍ଷକୁ ଗଲାପରେ ମଂଜୁଳାକୁ ମୁଁ କହିଲି, "ଦେଖେ ମଂଜୁଳା, ସୁହାସୀ ପକ୍ଷରୁ ମୁଁ ବର୍ତ୍ତମାନ କହି ଦେଉଛି ଯେ ଆମ୍ଭ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଫଳବତୀ ହୋଇଗଲା।" ମଂଜୁଳା କହିଲା, 'ମୋ ପତି ବର୍ତ୍ତମାନ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ କାର୍ଯ୍ୟର ଶକ୍ତ ସମର୍ଥକ ହୋଇଗଲେ। ଏ ତୁମ୍ଭ ଦୁହିଁଙ୍କ ପ୍ରଚେଷ୍ଟାର ସୁପରିଣତି।"

ସାୟଂକାଳ ଉପସ୍ଥିତ ହେଲା। ଆମେ ସମସ୍ତେ ଆଚାର୍ଯ୍ୟଙ୍କ ଗୃହକୁ ଗଲୁ। ଆଚାର୍ଯ୍ୟ ଓ ଗୁରୁମାତା ଆମ୍ଭ ସହ ମିଶି ଗପସପରେ ଲିପ୍ତ ହେଲେ। ଶୁଭ୍ରକାନ୍ତ ଜିଜ୍ଞାସୁ ନୟନରେ ଅନେକ କିଛି ପଚାରନ୍ତି ଓ ଆଚାର୍ଯ୍ୟ ତାଙ୍କ ସୁଂଦର ବାକ୍ୟବିନ୍ୟାସରେ ଉତ୍ତର ଦିଅନ୍ତି। ଏହାର ପଥ ପରିବର୍ତ୍ତନ କରିବାକୁ ସୁହାସୀ ଆଗଭର ହୋଇ କହିଲା, "ଗୁରୁଦେବ, ତୁମ୍ଭର ଆମ୍ଭେ ଦୁଇ ଶିଷ୍ୟା ଭାବୁଛୁ ଯେ ବଂଧୁ ଶୁଭ୍ରକାନ୍ତ ଓ ସୁହାସୀ ସଦୃଶ ଜ୍ଞାନୀ ଶିକ୍ଷିତ ବ୍ୟକ୍ତି ସେମାନଙ୍କ ଲବ୍ଧ ଜ୍ଞାନକୁ ଯଦି ବିତରଣ କରିପାରନ୍ତେ, ତାହା ସମାଜ ପାଇଁ ମଙ୍ଗଳମୟ ପୁଣ୍ୟ କାର୍ଯ୍ୟ ନିଶ୍ଚୟ ହୁଅନ୍ତା"। ସଂଗେ ସଂଗେ ଆଚାର୍ଯ୍ୟ କହିଲେ, " ଏହା ହେଉଛି ଏକ ଅତି ଉତ୍ତମ ପ୍ରସ୍ତାବ। ନିଜର କୌଳିକ ବୃତ୍ତି ନିର୍ବାହ କରିବା ସହ ଅନ୍ୟମାନଙ୍କ ସାହାଯ୍ୟ ନେଇ ଶୁଭ୍ରକାନ୍ତ ଗ୍ରାମର ଯୁବକ ଓ ବାଳକମାନଙ୍କୁ ଏବଂ ମଂଜୁଳିକା ସେଠାକାର ନାରୀ ଓ ବାଳିକାମାନଙ୍କୁ ବିଦ୍ୟାଳୟ ସ୍ଥାପନ କରି ସାମୂହିକ ଶିକ୍ଷାଦାନ କରିବା ଉଚିତ ହେବ।" ଏପରି କହି ଉତ୍ତର ଅପେକ୍ଷାରେ ଶୁଭ୍ରକାନ୍ତଙ୍କ ମୁଖକୁ ଚାହିଁଲେ। ଇଙ୍ଗିତ ବୁଝିପାରି ଶୁଭ୍ରକାନ୍ତ କହିଲେ, " ଗୁରୁଦେବ, ତୁମ୍ଭର ଉପଦେଶ ଆମ୍ଭ ଦୁହିଁଙ୍କ ଶିରୋଧାର୍ଯ୍ୟ। କିନ୍ତୁ ପିତା ବିଦେଶରୁ ଆସିଲା ପରେ ତାଙ୍କ ଅନୁମତି ନେଇ ଆମ୍ଭଙ୍କୁ ଏ କାର୍ଯ୍ୟ ଆରମ୍ଭ କରିବାକୁ ହେବ"। ଗୁରୁଦେବ କହିଲେ, " ତାହା ତ ଉତ୍ତମ। କିନ୍ତୁ ତୁମ୍ଭ ପିତାଙ୍କ ଅନୁପସ୍ଥିତି ତୁମ୍ଭ ବିଦୁଷୀ ମାତା ତ ପରିବାର ମୁଖ୍ୟା। ତେଣୁ ତାଙ୍କ ଅନୁମତିରେ ଏ କାର୍ଯ୍ୟ ଶୀଘ୍ର କରିଦେବା ମଧ୍ୟ ଉତ୍ତମ ପଦକ୍ଷେପ ହେବ। ମୁଁ ତାଙ୍କୁ ସମ୍ମତ କରିବାର ପ୍ରୟାସ କରିପାରିବି। ବିଦ୍ୟାଳୟ ସ୍ଥାପନରେ ବିଶେଷ କିଛି ଅର୍ଥବ୍ୟୟ ହେବ ନାହିଁ"। ଶୁଭ୍ରକାନ୍ତ କହିଲେ "ତୁମ୍ଭ ମାର୍ଗଦର୍ଶନରେ ଆମ୍ଭେ ଅଗ୍ରସର ହେବୁ। ଆମ୍ଭେ ବର୍ତ୍ତମାନ କ'ଣ କରିବୁ ଆମ୍ଭକୁ ସୂଚିତ କରିବା ହେବ।"

ଗୁରୁଦେବ ତେଣୁ କହିଲେ, "ତୁମ୍ଭେ ଦୁହେଁ ଗୃହକୁ ଗମନ କଲାପରେ କଥା ପ୍ରସଂଗରେ ମାତାଙ୍କୁ ଶିକ୍ଷାର ମହତ୍ତ୍ୱ ଓ ଅଧ୍ୟାପକମାନଙ୍କ ସମ୍ମାନ ଇତ୍ୟାଦି ବିଷୟରେ କହିଚାଲ। ଆମ୍ଭେ ସମସ୍ତେ ଏଠାରେ ପରବର୍ତ୍ତୀ ଅବକାଶ ସମୟରେ ଶୀଘ୍ର ତୁମ୍ଭ ଗୃହକୁ ଯିବୁ। ଯାହା ଆବଶ୍ୟକ ଗୁରୁମାତା ଓ ମୋ ଶିଷ୍ୟାଦ୍ୱୟ ମୋ ସହ ମିଳିତ ହୋଇକରିବେ। କିନ୍ତୁ ବିଦ୍ୟାଳୟ ସ୍ଥାପନ ବିଷୟରେ ତୁମ୍ଭେ ବର୍ତ୍ତମାନ କିଛି କୁହ ନାହିଁ। ବର୍ତ୍ତମାନ ସମୟ ହୋଇଗଲା। ସମସ୍ତେ ଆସ ଭୋଜନ କରିବା। ଯେ କୌଣସି କାମ ଶୁଦ୍ଧ ଆଗ୍ରହାନ୍ୱିତ ମନରେ କରିଲେ, ତାହା ନିଶ୍ଚୟ ସୁଫଳ ପ୍ରଦାନ କରିଥାଏ।" ଶୁଣି ଶୁଭ୍ରକାନ୍ତ କହିଲେ, 'ଗୁରୁଦେବ, ଆମ୍ଭେ ପତିପତ୍ନୀ ତୁମ୍ଭର ଆଦେଶକୁ ମନ ବିନିଯୋଗ କରି ପାଳନ କରିବୁ। ନିର୍ଦ୍ଦିଷ୍ଟ ଦିନରେ ତୁମ୍ଭମାନଙ୍କ ଯାତାୟତ ନିମିତ୍ତ ଯାନ ପ୍ରେରଣ କରିବୁ।" ଭୋଜନ ସମାପ୍ତ କରି ଆଶୀର୍ବାଦ ନେଇ ଆମ୍ଭେ ରହିବା ସ୍ଥାନକୁ ଆସିଗଲୁ। ଶୁଭ୍ରକାନ୍ତ ଦୂରରେ ଥିବାବେଳେ ମୁଁ ମଂଜୁଳାକୁ କହିଲି, "ତୁ ସୁହାସୀକୁ କହ ଯେ ତୃତୀୟ ପଦକ୍ଷେପ କୃତକାର୍ଯ୍ୟ ହୋଇଗଲା।" ସମସ୍ତେ ହସିଲୁ।

ତା' ପରଦିନ ମଂଜୁଳା ଓ ଶୁଭ୍ରକାନ୍ତ ହର୍ଷ ମନରେ ଆମ୍ଭକୁ ଅନେକ କିଛି କହି ସ୍ୱଗୃହକୁ ପ୍ରସ୍ଥାନ କଲେ। ଆମ୍ଭ ଦୁହିଁଙ୍କ ଆନଂଦ କହିଲେ ନ ସରେ। କାର୍ଯ୍ୟ କରାୟତ କରିବାର ପ୍ରଥମ ଯୋଜନା ଯେ ଏତେ ନ୍ୟୂନ ସମୟରେ ଦ୍ରୁତ ଗତିରେ ଅଗ୍ରସର ହୋଇଗଲା, ତାହା ଆମ୍ଭକୁ ଅଭିଭୂତ କରିଦେଲା। ଏ କ'ଣ ଥିଲା କେବଳ ମଂଜୁଳାପାଇଁ କାର୍ଯ୍ୟ ? ନୁହେଁ, ଏହା ମଧ୍ୟ ଥିଲା ଆମ ନିଜପାଇଁ ଓ ସମାଜ ନିମିତ୍ତ ଉଦ୍ଦିଷ୍ଟ।

ତାହା ପର ସମୟର ଘଟଣା କଥା କହୁଛି। ମଂଜୁଳା ଓ ଶୁଭ୍ରକାନ୍ତ ଗୃହକୁ ପ୍ରସ୍ଥାନ କରି ଗୁରୁଦେବଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ ଆରମ୍ଭ କଲେ। ତାଙ୍କ ମାତାଶ୍ରୀ ଉତ୍ସୁକତା ଦେଖାଇ ବିଦ୍ୟାପୀଠ ବିଷୟରେ ପଚାରିଲେ। ଶୁଭ୍ରକାନ୍ତ କହିଲେ, "ମାତା ଆମ୍ଭର ସେଠାକାର ଅନୁଭୂତି କେତେ ଉତ୍ତମ ତାହା ବର୍ଣ୍ଣନା କରିପାରିବୁ ନାହିଁ। ଯବଦେଶରୁ ଆସିଥିବା ଗୁରୁଦେବ ଆର୍ଯ୍ୟଦତ୍ତ ଓ ମଂଜୁଳାଙ୍କର ସଖୀଦ୍ୱୟ ଆମ୍ଭକୁ ଉଦବୁଦ୍ଧ କରିଦେଲେ। ଆମ୍ଭେ ଶିକ୍ଷାଦାନ କକ୍ଷରେ ଦୁଇଦିନ ଅପାର ଆନଂଦ ସହ ଅଧ୍ୟାପକମାନଙ୍କ ପ୍ରଦତ୍ତ ଜ୍ଞାନ ଗ୍ରହଣ କରିଲୁ। ସେମାନେ କେତେ ଜ୍ଞାନୀ, କିନ୍ତୁ କେତେ ନମ୍ର। ନିଜ ଜୀବନକୁ ଉତ୍ସର୍ଗ କରି ସେମାନେ ସମାଜକୁ ଆଲୋକ ପ୍ରଦାନ କରି ପୁଣ୍ୟ ଅର୍ଜନ କରୁଛନ୍ତି।" ତାଙ୍କ ମାତାଙ୍କ ନାମ ଥିଲା ଭାନୁମତୀ। ଭାନୁମତୀଦେବୀ ସେ ସବୁ ଶୁଣି କହିଲେ, " ନିଶ୍ଚୟ ପୁତ୍ର। ସେମାନେ ବହୁ ଭାଗ୍ୟବାନ। ଏପରି ସେବାପାଇଁ ତାଙ୍କୁ ସୁଯୋଗ ମିଳିଅଛି।" ଶୁଭ୍ରକାନ୍ତ ତା'ପରେ ଭାବୁକ ହୋଇ କହିଲେ, "ମାତା, ଦେଖ ଆମ୍ଭେ ଅର୍ଥ ଉପାର୍ଜନ କରୁଛେ। ବିଦ୍ୟା ଉପାର୍ଜନ କରୁଛେ। ଏ ସବୁ କାହାପାଇଁ ? କେବଳ ଆମ୍ଭପାଇଁ ଓ ଆମ୍ଭ ପରିବାର ନିମିତ୍ତ। ସମାଜପାଇଁ ଆମ୍ଭେ କ'ଣ କରୁଛେ ? କିଛି ନାହିଁ, ଆମ୍ଭେ ଶରୀର ତ୍ୟାଗ କଲେ ଏ ସବୁ ଉପାର୍ଜନ କ'ଣ ନେଇ ପରଲୋକକୁ ଯାଇପାରିବା ? କିନ୍ତୁ ସମାଜପାଇଁ କିଛି କରି ଯଦି କତିପୟ ଧର୍ମପୁଣ୍ୟ ଉପାର୍ଜନ କରିପାରିବା ତାହା କେବଳ ଆମ୍ଭେ ନେଇ ସ୍ୱର୍ଗଦେଶକୁ ଯାଇପାରିବା। ମୁଁ ଶିକ୍ଷାଦାନ କଥା କହୁଛି। ଆମ୍ଭ ଏ ଜ୍ଞାନ କ'ଣ ନିରର୍ଥକ ହେଉନାହିଁ ?" ମଂଜୁଳା ସେଠାରେ ସମର୍ଥନ କହିଚାଲିଲା, "ସତ୍ୟ, ମାତାଶ୍ରୀ। ତୁମ୍ଭେ ଏତେ ବିରାଟ ବିଦୁଷୀ ନାରୀ। କିନ୍ତୁ ସେ ସବୁ କ'ଣ ବନକୁସୁମ ବନରେ ମଉଳିଗଲା ସଦୃଶ ହେଉନାହିଁ ?" ମାତାଶ୍ରୀ ତତ୍‌କ୍ଷଣାତ୍ ଉତ୍ତର ଦେଲେ, "ସେ କଥା ଛାଡେ। ତୋ ପରି ପଣ୍ଡିତା ପୁତ୍ରବଧୂର ସମଦଶା ହୋଇଯିବ। ଏ ରକ୍ଷଣଶୀଳ ନିର୍ଦ୍ଦୟ ସମାଜରେ ସୁଯୋଗ କାହିଁ ?" ଶୁଭ୍ରକାନ୍ତ ଯଥେଷ୍ଟ ହୋଇଗଲା ଭାବି କଥା ଏଠାରେ ସ୍ଥଗିତରଖି କହିଲେ, "ମାତାଶ୍ରୀ ଧୈର୍ଯ୍ୟଧର, ସବୁ ଦେବ ଦୟାରୁ ସଠିକ୍ ହୋଇଯିବ। ଚାଲ, ଯିବା। ନିଜ ନିଜ ସାଧାରଣ କାର୍ଯ୍ୟ ସଂପାଦନ କରିବା।" ଏଠାରେ ବାର୍ତ୍ତାଳାପ ସମାପ୍ତ ହେଲା।

ଆଉ ଏକ ସମୟରେ ଶୁଭ୍ରକାନ୍ତ ଓ ମଂଜୁଳିକା ଭାନୁମତୀଦେବୀଙ୍କ କକ୍ଷକୁ ଗଲେ। ଶୁଭ୍ରକାନ୍ତ କହିଲେ, "ମାତାଶ୍ରୀ, ଆଉ ଏକ କଥା କହିବାକୁ ଆମ୍ଭେ ଭୁଲିଯାଇଛୁ। ଆଜ୍ଞାଦେଲେ କହିବୁ।" ତତ୍‌କ୍ଷଣାତ୍ ମାତା କହିଲେ, "ଶୀଘ୍ର କହ। ଅନୁମତିର ଆବଶ୍ୟକ ନାହିଁ ?" ଶୁଭ୍ରକାନ୍ତ କହିଲେ, "ତୁମ୍ଭ ପକ୍ଷରୁ ଆମ୍ଭେ ଯବଦେଶ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ, ଗୁରୁମାତା ଓ ମଂଜୁଳାଙ୍କ ଦୁଇ ସଖୀଙ୍କୁ ଆମ୍ଭ ଗୃହକୁ କିଛିଦିନପାଇଁ ଆସି ରହିବାକୁ ଆମନ୍ତ୍ରିତ କରିଛୁ। ଗୁରୁଦେବ ଆଗାମୀ ନବମୀ ତିଥିରେ ଆସିବାକୁ କହିଛନ୍ତି।" "ଏ ତ ଅତି ଉତ୍ତମ କଥା। ତୁ କହିବାକୁ ଭୟ କାହିଁକି କରୁଛୁ ? ଗୁରୁଦେବ ଆସିଲେ ମୁଁ ତାଙ୍କଠାରୁ ଶାସ୍ତ୍ରଜ୍ଞାନ ଲାଭ କରିବି। ଗୁରୁମାତାଙ୍କ ସହ ସାକ୍ଷାତ ହେବ। ରାଜପରିବାରର ମଂଜୁଳାର ଦୁଇ ସଖୀ କେତେ ଉତ୍ତମ ଅଟନ୍ତି। ସେ ଦୁଇ କନ୍ୟାଙ୍କ ସହ ମଧ୍ୟ ବାର୍ତ୍ତାଳାପ ହେବ। ଏ ତ ଆନଂଦର କଥା।" ପୁଣି ମଂଜୁଳାକୁ କହିଲେ, "ସମୟ ଅତି ନିକଟ। ସମସ୍ତ ବ୍ୟବସ୍ଥା କରିବା ତୋ ଦାୟିତ୍ୱ।" ମଂଜୁଳା "ଯଥା ଆଜ୍ଞା" କହିଲା।

ଉଦ୍ଦିଷ୍ଟ ଦିନ ଆସିଲା। ଆମ୍ଭେ ସମସ୍ତେ ମଂଜୁଳାର ଘରେ ଉପନୀତ ହେଲୁ। ତା' ଘରଥିଲା ଲଳିତଗିରିର ଅତି ନିକଟବର୍ତ୍ତୀ ଓଳାସୁଣୀ ଗ୍ରାମରେ। ଭାନୁମତୀ ଦେବୀ ଆମ୍ଭକୁ ବନ୍ଦାପନା କରି ସ୍ୱାଗତ କଲେ। ଏହା ପରେ କ'ଣ ହେଲା ? କ'ଣ ମଂଜୁଳାର ସ୍ୱପ୍ନ ସାକାର ହେଲା ? ମୁଁ ପରବର୍ତ୍ତୀ ଘଟଣା ବଖାଣୁଛି। (କ୍ରମଶଃ)

# ନାରୀ ଯୁଗେ ଯୁଗେ ପୂଜନୀୟା- ବନ୍ଦନୀୟା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ପ୍ରତିବର୍ଷ ମାର୍ଚ୍ଚ ମାସ ଆଠ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହେଉଛି। ଏହି ଦିବସଟି ୧୮୫୭ ମସିହାରେ ନ୍ୟୁୟର୍କ ସହରରେ ଆରମ୍ଭ ହୋଇଥିଲା। ମହିଳା ହସ୍ତତନ୍ତ କର୍ମୀମାନେ ତାଙ୍କର କାର୍ଯ୍ୟକ୍ଷେତ୍ରରେ ଅସଙ୍ଗତ ତଥା ଅସମାନତା ସର୍ତ୍ତାବଳୀକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିବା ସହ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ମିଳିତ ଭାବରେ ନିଜର ଦାବୀପୂରଣ ପାଇଁ ଆନ୍ଦୋଳନ କରିଥିଲେ। ସେହିନାରୀର ସ୍ୱାଭିମାନକୁ ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସଟି ପାଳନ କରାଯାଉଛି। ନାରୀ ହେଉଛି ବିଶ୍ୱସୃଷ୍ଟିର ହେତୁ। ଏକଧାରାରେ ସେ ଜାୟା, ଜନନୀ, ଭଗିନି, ସେ ସୃଷ୍ଟିକାରିଣୀ ପୁଣି ସଂହାରକାରିଣୀ। ନାରୀର ସହଚର୍ଯ୍ୟାରେ ଜୀବନ ହୁଏ ମଧୁମୟ, ସମାଜ ହୁଏ ଅମୃତମୟ।

ଭାରତୀୟ ନାରୀ ଯୁଗେ ଯୁଗେ ପୂଜନୀୟା-ବନ୍ଦନୀୟା। ମହର୍ଷି ମନୁଙ୍କ ଉକ୍ତିରେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା।" ଭାରତୀୟ ନାରୀ ସକଳ ଯନ୍ତ୍ରଣାକୁ ବରଣ କରି ପରିବାର ତଥା ସମାଜର ମଙ୍ଗଳ କାମନା କରିଥାଏ। ପ୍ରାଚୀନ ଭାରତର ସାମାଜିକ ଜୀବନରେ ନାରୀର ମର୍ଯ୍ୟାଦା ସଂପର୍କରେ ଭୂରି ଭୂର ପ୍ରଶଂସା କରାଯାଇଛି। ଆଜି ବିଜ୍ଞାନର ଅଭିନବ ପ୍ରଗତି ହୋଇଛି, ପାଶ୍ଚାତ୍ୟ ଜଗତର ଜଡବାଦ ଭାରତୀୟ ସମାଜରେ ପ୍ରଭାବ ବିସ୍ତାର କରିଛି କିନ୍ତୁ ଭାରତୀୟ ନାରୀ ଏବେ ମଧ୍ୟ ତାର ଆଦର୍ଶରୁ ବିଚ୍ୟୁତ ହୋଇନାହିଁ। ଦିନ ଥିଲା ସ୍ୱାମୀ ଦ୍ୱାରା ଘରୁ ବିତାଡିତ ହୋଇ ଲକ୍ଷ୍ମୀ ଠାକୁରାଣୀ ନିଜର ନାରୀ ସ୍ୱାଭିମାନକୁ ବଞ୍ଚାଇ ରଖିବା ସହ ନିଜ ସ୍ୱାମୀ ତଥା ଦେଢଶୁରଙ୍କୁ ଉଚିତ ଶିକ୍ଷା ଦେବାସହ ସମାଜକୁ ମଧ୍ୟ ଶିକ୍ଷା ଦେଇଥିଲେ ପୁରୁଷ ଓ ନାରୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଜଣକ ବିନା ଅନ୍ୟଜଣେ ଅଧୁରା ଯେପରି ଶିବା ବିନା ଶିବ ଶବତୁଲ୍ୟ। ଭାରତର ବହୁ ମହିୟସୀ ନାରୀ ଯଥା ଗାର୍ଗୀ, ମୈତ୍ରେୟୀ, ଲୀଳାବତୀ ଓ ଖନାଙ୍କ ଭଳି ବିଚକ୍ଷଣା ବ୍ରହ୍ମବାଦିନୀ, ପଣ୍ଡିତା ନାରୀ ଯୁଗେ ଯୁଗେ ଅମର ହୋଇ ରହିଛନ୍ତି। ଆଜି ଅତୀତର ସେହି ଭାରତୀୟା ନାରୀର ଆଦର୍ଶ ଆଉ ଦେଖିବାକୁ ମିଳୁନି।

ଯଦିଓ ଆଧୁନିକ ଯୁଗରେ ନାରୀ ମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା ପୁରୁଷ ମାନଙ୍କ ତୁଳନାରେ କୌଣସି ଗୁଣରେ କମ୍ ପ୍ରମାଣିତ ହୋଇନାହିଁ ତଥାପି ସେଦିନର ନାରୀମାନଙ୍କର ବିଚକ୍ଷଣା, ବ୍ରହ୍ମବାଦିନୀ ସତୀତ୍ୱର ଆଦର୍ଶ ଆଜି ଦେଖିବାକୁ ମିଳୁନାହିଁ। ସେଦିନର ଭାରତୀୟ ନାରୀ ସନ୍ତାନ ମମତା ପ୍ରକାଶ କରେ ମାତ୍ର ସନ୍ତାନକୁ ଅନୁଶାସନ କରିବାରେ କୁଣ୍ଠା ପ୍ରକାଶ କରେନାହିଁ। ନିଜ ସନ୍ତାନ ମୋହରେ ଅନ୍ୟନାରୀର ସନ୍ତାନର ଅମଙ୍ଗଳ କାମନା କରେନାହିଁ। ଉଦାହରଣ ମା ଗାନ୍ଧାରୀ ନିଜପୁତ୍ର ଦୁର୍ଯୋଧନକୁ ବିଜୟର ଆଶୀର୍ବାଦ ନଦେଇ କହିଥିଲେ "ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ"। ଶତପୁତ୍ରର ଜନନୀ ହୋଇ ମଧ୍ୟ ହୃଦୟରେ ଅଭିମାନ ପୋଷଣ କରିନଥିଲେ। ଯାହା ଆଜିର ନାରୀମାନଙ୍କ ପାଖରେ ସ୍ୱପ୍ନ ପ୍ରାୟ। ବିଗତ ଶତକରେ ଅନେକ ମହିୟସୀ ନାରୀ ଯଥା କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, କମଳା ଦେବୀ ଚଟ୍ଟୋପାଧ୍ୟାୟ, ଅରୁଣା ଆସଫ ଅଲ୍ଲି, ଅମୃତା କାଉର, ବିଜୟଲକ୍ଷ୍ମୀ ପଣ୍ଡିତ, ରମା ଦେବୀ, ସୁଚେତା କୃପାଳିନୀ ଓ ଇନ୍ଦିରା ଗାନ୍ଧି ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ଆଜିର ନାରୀ ସମାଜକୁ ଉଦ୍‌ବୁଦ୍ଧ କରିଛନ୍ତି। ଆଜିର ଭାରତୀୟ ନାରୀ ସେଦିନର ଭାରତୀୟ ମହାକାଶ ଯାତ୍ରୀ ଭାବରେ କଳ୍ପନା ଚାୱଲା ଓ ସୁନୀତା ଉଇଲିୟମଙ୍କ ପରି ଅନ୍ତରୀକ୍ଷକୁ ଯିବାପାଇଁ ସମର୍ଥ ହୋଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଯେତେ ଯେତେ ବିକାଶ ଘଟୁଛି ସମାଜରେ ନାରୀମାନେ ସେତିକି ନିର୍ଯାତିତା ହେଉଛନ୍ତି। ଏହି ନିର୍ଯାତନା ବର୍ତ୍ତମାନ ବିଶ୍ୱବ୍ୟାପୀ ହୋଇଯାଇଛି। ତେବେ ପାଶ୍ଚାତ୍ୟ ରାଜ୍ୟମାନଙ୍କରେ ନାରୀଶିକ୍ଷା ଓ ନାରୀର ସାମାଜିକ ସ୍ୱାତନ୍ତ୍ର୍ୟ ଅଧିକ ହୋଇଥିବାରୁ ସେଠାରେ ଭାରତ ତୁଳନାରେ ଅପରାଧର ମାତ୍ରା ଊଣା। ଜାତୀୟ କ୍ରାଇମ ରେକର୍ଡ ଅନୁସାରେ ୨୦୧୧ ମସିହାରେ ୨୨୮,୬୫୦ ଟି ଅପରାଧ ଘଟଣା ଘଟିଥିବା ବେଳେ ୨୦୨୧ ରେ ୮୭ପ୍ରତିଶତ ବଢି ୪୨୮,୨୭୮ ରେ ପହଞ୍ଚିଥିଲା। ୨୦୨୨ ରେ ହତ୍ୟା ସର୍ବାଧିକ ଥିଲା ଝାରଖଣ୍ଡ ତା ପଛକୁ ଅରୁଣାଚଳ ପ୍ରଦେଶ ୩.୬% ଛତିଶଗଡ, ହରିୟାନା ୩.୪%, ଆସାମ ଓଡିଶା ୩% , ଉତ୍ତର ପ୍ରଦେଶ ୨.୩% ଓ ରାଜସ୍ଥାନ ୨.୩%। ପ୍ରତିବର୍ଷ ୮୧୨୫ ଜଣ ମହିଳାଙ୍କର ହତ୍ୟା ହେଉଛି। ଆମର ସାମାଜିକ ବ୍ୟବସ୍ଥା ପୁରୁଷ ପ୍ରଧାନ ହୋଇଥିବାରୁ ଏହି ପ୍ରକାର ଘଟଣା ଘଟୁଛି। ସମାଜରେ ନାରୀ ମହିମା ସଂପର୍କରେ ଯେତେ ଭାବପ୍ରବଣ ପ୍ରଶଂସା କରାଗଲେ ମଧ୍ୟ ସ୍ୱଭାବତଃ ପୁରୁଷର ଶାରୀରିକ ଶକ୍ତି ତୁଳନାରେ ନାରୀ ଦୁର୍ବଳା। ଇତର ଜଗତରେ ମଧ୍ୟ ମାତୃପଶୁ ବା ମାତୃପକ୍ଷୀ ଉପରେ ପୁରୁଷ ପ୍ରାଣୀମାନେ ନିଜର ଦୈହିକ ଶକ୍ତିବଳରେ ଅଧିକାର ସାବ୍ୟସ୍ତ କରିଥାନ୍ତି। ସେଠାରେ ମାତୃ-ପ୍ରାଣୀଟିର ନିଜର କିଛି ଇଚ୍ଛା ବା ରୁଚି ନଥାଏ। ଏହା ହେଉଛି ଜୀବଜଗତର ଏକ ସ୍ୱଭାବସିଦ୍ଧ, ପ୍ରାକୃତିକ ଧର୍ମ। ମଣିଷ ଏକ ଉଚ୍ଚତର ପ୍ରାଣୀ ହେଲେ ମଧ୍ୟ ସେ ଜାନ୍ତବ ପ୍ରବୃତ୍ତିର ଅଧୀନ। ନରୀ ନିଜର ସୁରକ୍ଷା ନିମନ୍ତେ ପୁରୁଷ ଉପରେ ହିଁ ନିର୍ଭର କରିଥାଏ। ପୁରୁଷର ସୁରକ୍ଷା ବଳୟ ମଧ୍ୟରେ ଥାଇ ନାରୀ ନିଜକୁ ଶକ୍ତିଶାଳୀ ମନେକରେ। ତେଣୁ ସମାଜରେ ନାରୀ ସୁରକ୍ଷିତା ହୋଇ ନରହିଲେ ଏବଂ ତା'ର ମର୍ଯ୍ୟାଦା ଓ ସ୍ୱାଧିକାର ସ୍ୱୀକୃତ ନ ହେଲେ ସମାଜଜୀବନ ଶୃଙ୍ଖଳା ଓ ଶାଳୀନତା ହରାଇ ବିପର୍ଯ୍ୟସ୍ତ ହୋଇପଡିବ।

ସ୍ୱାଧୀନତାର ପରବର୍ତ୍ତୀ କାଳରୁ ସରକାର ନାରୀକଲ୍ୟାଣ ଓ ମହିଳା ସୁରକ୍ଷା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ଚଳିତ ବର୍ଷର ଆନ୍ତର୍ଜାତିକ ମହିଳା ଦିବସର ବିଷୟ ବସ୍ତୁ ରହିଛି 'ନାରୀ ମାନଙ୍କ ପାଇଁ ବିନିଯୋଗ କର ଏବଂ ସେମାନଙ୍କ ଉନ୍ନତିକୁ ତ୍ୱରାନ୍ୱିତ କର'। ତେଣୁ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ୟକ୍ତି ମହିଳାମାନଙ୍କୁ କିପରି ଦେଶର ମୁଖ୍ୟ ସ୍ରୋତ ସହିତ ସାମିଲ କରାଯାଇ ସେମାନଙ୍କର ସାମାଜିକ, ଅର୍ଥନୀତିକ, ରାଜନୀତିକ, ଓ ଆଇନଗତ ଅଧିକାରକୁ ସୁଦୃଢ କରାଯାଇ ପାରିବ ସେଥିପାଇଁ କାର୍ଯ୍ୟ କରିବା ଦରକାର। ସରକାର ନାରୀ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୟନ କରିଛନ୍ତି ଯାହାହେଲା ' ସମାନ ମଜୁରୀ ଆଇନ, ସତୀପ୍ରଥା ନିରୋଧ ଆଇନ, ଫୌଜଦାରୀ ଦଣ୍ଡବିଧି ଆଇନ ଓ ସାକ୍ଷ୍ୟପ୍ରଦାନ ଆଇନ, ବେଶ୍ୟାବୃତ୍ତି ନିରୋଧ ଆଇନ, ପ୍ରସବକାଳୀନ ସୁବିଧା ଆଇନ, ଯୌତୁକ ନିରୋଧ ଆଇନ ଓ ଲିଙ୍ଗଗତ ସମତା ଆଇନ କରି ସାମାଜିକ କ୍ଷେତ୍ରରେ ସ୍ତ୍ରୀ ପୁରୁଷ ମଧ୍ୟରେ କୌଣସି ବ୍ୟବଧାନ ରଖାଯାଇନାହିଁ। କୋର୍ଟ କଚେରୀରେ ନାରୀକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି। ନିଯୁକ୍ତି କ୍ଷେତ୍ରରେ ନାରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହିତ ଏବେ ବିଧାନସଭା ଏବଂ ପାର୍ଲାମେଣ୍ଟରେ ୮୧ ତମ ସଂଶୋଧନ ବିଲ୍ ଜରିଆରେ ଏକ-ତୃତୀୟାଂଶ ସ୍ଥାନ ରଖାଯିବା ପାଇଁ ଆଲୋଚନା ଚାଲିଛି। ଓଡିଶାରେ ସ୍ୱାୟତ ଶାସନ ଅନୁଷ୍ଠାନ ମାନଙ୍କରେ ମହିଳା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇସାରିଲାଣି। ଅତି ସୁଖର କଥା ଆମ ରାଜ୍ୟରେ ବିଦ୍ୟାଳୟ ସାର୍ଟିଫିକେଟରେ , ବିଦ୍ୟାଳୟ ନାମଲେଖା ରେଜିଷ୍ଟାରରେ ପିତାଙ୍କ ସହିତ ମାତାଙ୍କ ନାମ ମଧ୍ୟ ଲେଖାଯାଉଛି। ୧୯୯୨ ମସିହାରୁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ମହିଳା କମିଶନମାନ ଗଠନ କରାଯାଇଛି। ବର୍ତ୍ତମାନ ବିଶ୍ୱରେ ନାରୀର ଅଧିକାର ଓ ମର୍ଯ୍ୟାଦା ସମ୍ପର୍କରେ ଅଧିକ ସଚେତନତା ପ୍ରକାଶ ପାଇଛି। ନାରୀମାନେ ଶାସନ ଓ ରାଜନୀତି କ୍ଷେତ୍ରରେ ଅଧିକ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ୧୯୯୫ ମସିହା ଅଗଷ୍ଟ ମାସରେ ଚୀନର ବେଜିଂଠାରେ ୧୦ ଦିନିଆ ବିଶ୍ୱ ନାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୧୮୧ ଟି ଦେଶରୁ ୨୩ ହଜାର ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ଜାତିସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଆଜିର ଦିନଟିକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପାଳନ କରାଯାଉଛି। ଆଜିର ଏହି ପବିତ୍ର ଦିବସରେ ନାରୀକୁ ଯଥୋଚିତ ସମ୍ମାନ ଦେବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଦରକାର।

# ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ସ୍ମୃତିରେ

ନିରଞ୍ଜନ ଚନ୍ଦ୍ର ପଣ୍ଡା
ନୂଆପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର-୧୨
ମୋ-୯୯୩୭୪୬୯୬୩୧

୨୦୨୫ ଫେବୃୟାରୀ ୨୪ ତାରିଖଦିନ ହଠାତ୍ ସରୋଜବାବୁଙ୍କ ଠାରୁ ଖବର ମିଳିଲା ଯେ ଗତରାତିରେ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କର ଦେହାନ୍ତ ହୋଇଗଲା। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ କାର୍ଯ୍ୟପାଇଁ ଆମେ ଜୁଲୁ ସହ ପୁରୀ ଯାଉଛୁ। ଅବଶ୍ୟ ଆମକୁ ଜଣାଥିଲା ଯେ ସେ ବହୁଦିନ ଧରି ଶଯ୍ୟାଶାୟୀ ଥିଲେ, ଭୀଷଣ କଷ୍ଟ ପାଉଥିଲେ। ଏବେ ତାଙ୍କର ଦେହାବସାନ ଖବର ଆମ ସ୍କୁଲ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ, ଶିକ୍ଷିକା-ଶିକ୍ଷକ ଓ କର୍ମଚାରୀଙ୍କ ମହଲରେ ଏକ ଶୋକାଭିଭୂତ ପରିସ୍ଥିତି ସୃଷ୍ଟି କରିଛି। କାରଣ ପ୍ରଦ୍ୟୁମ୍ନ ବାବୁ ଥିଲେ ଜଣେ ବଳିଷ୍ଠ ଧୀଶକ୍ତି ସମ୍ପନ୍ନ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର କର୍ତ୍ତବ୍ୟ ପରାୟଣତା ଓ ତୀକ୍ଷ୍ଣବୁଦ୍ଧି ସଞ୍ଚାଳନପାଇଁ ବହୁଦିନ ଧରି ସେ ଓଡ଼ିଶା ସରକାରୀ ଶିକ୍ଷକ ଓ ପରିଦର୍ଶନ ସଂଘର ସଭାପତି ଆସନ ମଣ୍ଡିତ କରିବା ଏବଂ ପରେ ପରେ ଉପଦେଷ୍ଟା ରୂପେ ଆଦର୍ଶ ବ୍ୟକ୍ତିତ୍ୱ ଓ ମାର୍ଗଦର୍ଶକ ରୂପେ ଖାତିଲାଭ କରିପାରିଥିଲେ। ପୁରୀ ଜିଲ୍ଲାର ଗଙ୍ଗାରାମ ନୂଆସାହି ଗ୍ରାମରେ ୧୯୩୯ ମସିହା ଜାନୁୟାରୀ ପବିତ୍ର ଅଶ୍ୱପଞ୍ଚମୀ ତିଥିରେ ଜନ୍ମିତ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନକୁମାର ମିଶ୍ର ତାଙ୍କର ଲକ୍ଷ୍ମୀସାଗର ସ୍ଥିତ ନିଜସ୍ୱ ବାସଭବନରେ ୨୦୨୫ ଫେବୃୟାରୀ ଚବିଶ ତାରିଖରେ ଇହଧାମ ପରିତ୍ୟାଗ କଲେ। ଏହି ଦୀର୍ଘ ୮୯ ବର୍ଷ ମଧ୍ୟରୁ ଶେଷ ଛଅବର୍ଷକୁ ବାଦ୍ ଦେଲେ ବାକି ୮୦ ବର୍ଷ ପର୍ଯ୍ୟନ୍ତ ସେ ତାଙ୍କର କର୍ମମୟ ଜୀବନ ତଥା ଅବସରକାଳୀନ ଜୀବନକୁ ମାନବଧର୍ମୀ କାର୍ଯ୍ୟରେ ବିନିଯୋଗ କରିଥିଲେ। ପିତା ଶ୍ରୀଯୁକ୍ତ ପଦ୍ମନାଭ ମିଶ୍ର ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ପିଲାବେଳୁ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ ଦର୍ଶନ କରିବାର ସୁଯୋଗ ମିଳିଥିଲା। ୧୯୫୫ ମସିହାରେ ପୁରୀ ଜିଲ୍ଲାସ୍କୁଲରୁ ମେଟ୍ରିକ ପାସ୍ ଓ ସାମାନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ୧୯୫୯ରେ ସ୍ନାତକ ଡିଗ୍ରୀ ହାସଲ ପରେ ଓଡ଼ିଶା ପ୍ରଶାସନିକ ସେବାର ସୁଯୋଗ ପାଇଥିଲେ ମଧ୍ୟ ପାରିବାରିକ କାରଣରୁ ତାଙ୍କୁ ପୁଣି ରାଧାନାଥ ଟ୍ରେନିଙ୍ଗ କଲେଜରୁ ବିଇ.ଇଡି ଡିଗ୍ରୀ ହାସଲ କରି ଶିକ୍ଷକତାକୁ ନିଜର ବୃତ୍ତିରୂପେ ଗ୍ରହଣ କରିବାକୁ ପଡିଥିଲା। ପରେ ପରେ ସେ ଇତିହାସରେ ମାଷ୍ଟର ଡିଗ୍ରୀ ମଧ୍ୟ ହାସଲ କରିଥିଲେ। କଲେଜ ଶିକ୍ଷା ସମୟରେ ଏନ୍‌ସିସି, ସ୍କାଉଟ୍, କ୍ରୀଡା ଓ ଅଭିନୟ ତଥା ନୃତ୍ୟସଂଗୀତରେ ରୁଚି ରଖିଥିବା ହେତୁ ଶିକ୍ଷକତା ସମୟରେ ଜଣେ ସର୍ବଗୁଣ ସମ୍ପନ୍ନ ଶିକ୍ଷକ ଓ ଆଦର୍ଶ ପରିଦର୍ଶକ ହେବାରେ ସାହାଯ୍ୟ ମିଳିଗଲା। ଏକଦା ସେ କହିଥିଲେ ଯେ କଲେଜ ଡ୍ରାମାରେ ସାମାଜିକଧର୍ମୀ ନାଟକ 'ଭରସା' ଓ 'ପରକଲମରେ ମୁଖ୍ୟ ଚରିତ୍ରରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ସ୍ୱର୍ଗତ ପ୍ରଦ୍ୟୁମ୍ନ କୁମାର ମିଶ୍ର ବିଭିନ୍ନ ସ୍ଥାନରେ ପରିଦର୍ଶକ ଓ ଶିକ୍ଷକତା କରିବା ସମେତ ଭୁବନେଶ୍ୱରର ଚାରିଗୋଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେବାର ସୁଯୋଗ ପାଇଥିଲେ। ସେ ବିଦ୍ୟାଳୟ ଗୁଡିକ ମଧ୍ୟରୁ ସହୀଦନଗର ହାଇସ୍କୁଲ, ଆଇଆରସି ଉଚ୍ଚ ବିଦ୍ୟାଳୟ, ୯ନମ୍ବର ହାଇସ୍କୁଲ ଓ କ୍ୟାପିଟାଲ ହାଇସ୍କୁଲ ଏବଂ ବିଶେଷ କରି କ୍ୟାପିଟାଲ ହାଇସ୍କୁଲରେ ୨ଥର ପ୍ରଧାନଶିକ୍ଷକ ଭାବେ ଯଥା ୫.୭.୧୯୮୩ରୁ ୨୦.୭.୧୯୯୨ ଏବଂ ୨୩.୧୨.୧୯୯୨ ରୁ ୩୧.୧.୧୯୯୩, ମୋଟ ୧୨ ବର୍ଷ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ଏକ ବିରଳ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମିଶ୍ର ରାଜ୍ୟ ସରକାରୀ ଶିକ୍ଷକ ଓ ପରିଦର୍ଶକ ସଂଘର ସଭାପତି ଥିବା ବେଳେ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ମହାନ୍ତି (ରେଭେନ୍ସା କଲିଜିଏଟ ସ୍କୁଲ)ର ସମ୍ପାଦକ ଥିବା ବେଳେ ମୁଁ ମଧ୍ୟ ମୟୁରଭଞ୍ଜ ଜିଲ୍ଲାର ଶିକ୍ଷକ ଓ ପରିଦର୍ଶକ ସଂଘର ସମ୍ପାଦକ ଭାବେ ବହୁବାର କ୍ୟାପିଟାଲ ହାଇସ୍କୁଲକୁ ଆସିଛି, ସେଇଠି ଆମର ପ୍ରଦ୍ୟୁମ୍ନ ବାବୁଙ୍କ ସହ ଜଣାଶୁଣା। ୧୯୮୫ ମସିହାରେ ମୁଁ ଯେତେବେଳେ ବାଲେଶ୍ୱର ଜିଲ୍ଲାସ୍କୁଲରେ କାର୍ଯ୍ୟରତ ଥିଲି ସେତେବେଳେ କ୍ୟାପିଟାଲ ହାଇସ୍କୁଲର ଜନୈକ ଶିକ୍ଷକ ଶ୍ରୀ ସୁଧାଂଶୁ ଚକ୍ରବର୍ତ୍ତୀଙ୍କର ଦେହାନ୍ତ ଘଟିଲା। ସେହି ଶୂନ୍ୟ ସ୍ଥାନକୁ ପୂରଣ କରିବା ପାଇଁ ବହୁ ଦାବିଦାର ଥିଲେ ମଧ୍ୟ ପ୍ରଦ୍ୟୁମ୍ନ ବାବୁ ମୋତେ ବାଲେଶ୍ୱରରୁ ଡକାଇ କ୍ୟାପିଟାଲ ହାଇସ୍କୁଲକୁ ବଦଳି ହୋଇ ଆସିବାକୁ ପରାମର୍ଶ ଦେଲେ। ତଦନୁଯାୟୀ ମୁଁ ତତ୍‌କାଳୀନ ଡି.ପି.ଆଇଙ୍କୁ ନିବେଦନ ଜଣାଇବାରୁ ସେ ମୋତେ କ୍ୟାପିଟାଲ ହାଇସ୍କୁଲକୁ ବଦଳି କରିଦେଲେ। ୧୯୮୫ରୁ ୧୯୯୨, ଦୀର୍ଘ ସାତବର୍ଷ ଧରି ମୁଁ ତାଙ୍କ ସହ କାର୍ଯ୍ୟ କରିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ସାରଙ୍କର ଇତିହାସ ଓ ଇଂରାଜୀ ଭାଷା ସାହିତ୍ୟ ତଥା ବ୍ୟାକରଣରେ ଅଗାଧ ଜ୍ଞାନ। ଅନେକ ସମୟରେ ସେ ଦୁଇ ତିନୋଟି ସେକ୍‌ସନ୍‌ର କମ୍ବାଇନ କ୍ଲାସ ନିଅନ୍ତି। ପିଲାମାନେ ତାଙ୍କ କ୍ଲାସରେ ସଂପୂର୍ଣ୍ଣ ନୀରବତା ଅବଲମ୍ବନ କରିଥାଆନ୍ତି, ମନରେ ଯେତିକି ଭକ୍ତି ସେତିକି ମଧ୍ୟ ଭୟ । ପ୍ରଦ୍ୟୁମ୍ନ ବାବୁ ପିଲାମାନଙ୍କୁ ଯେମତି ସ୍ନେହ କରନ୍ତି, ସେମାନଙ୍କ ଶୃଙ୍ଖଳାଜ୍ଞାନ ପାଇଁ ସେତିକି କଠୋରତା ମଧ୍ୟ ପ୍ରଦର୍ଶନ କରିଥାଆନ୍ତି। ତାଙ୍କ ଠାରୁ ଶିକ୍ଷକ ମାନଙ୍କର ଅନେକ କିଛି ଶିଖିବାର ଥିଲା। ମୁଁ ତାଙ୍କ ସ୍କୁଲ ପରିଚାଳନାରୁ ବହୁତ କିଛି ଶିକ୍ଷା ପାଇଛି, ଯାହାଙ୍କ ଆଜି ପରିଣତ ବୟସରେ ମଧ୍ୟ ବିଭିନ୍ନ ବିଦ୍ୟାଳୟରେ ସ୍କୁଲ ମେନେଜମେଣ୍ଟ କମିଟିର ସଦସ୍ୟ ରୂପେ ସେଗୁଡିକ କାର୍ଯ୍ୟକାରୀ କରୁଛି। ଈଶ୍ୱର ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଇ ନଥାନ୍ତି। ପ୍ରଦ୍ୟୁମ୍ନ ବାବୁ କାୟମନବାକ୍ୟରେ ଜଣେ ସମର୍ପିତ ବ୍ୟକ୍ତିଭାବରେ ଶିକ୍ଷକତା ବୃତ୍ତିରେ ନିଜକୁ ପ୍ରତିଷ୍ଠିତ କରୁଥିବା ବେଳେ ନବେଦଶକରେ ତାଙ୍କର ଧର୍ମପତ୍ନୀ କର୍କଟ ରୋଗରେ ପୀଡିତା ହୋଇ ସ୍ୱର୍ଗାରୋହଣ କଲେ। ତେଣୁ ମାତ୍ର ୫୧/୫୨ ବର୍ଷ ବୟସରୁ ସେ ପତ୍ନୀହରା ହୋଇ ଦୁଃସହ ଜୀବନ ଅତିବାହିତ କରୁଥିଲେ। ଝିଅ ରୀନା ଓ ପୁଅ ଡୁଲୁ ଥିଲେ ତାଙ୍କର ସର୍ବସ୍ୱ। ରୀନାକୁ ଆମର ଅନ୍ୟତମ ଶିକ୍ଷକ ବଂଧୁ ଶ୍ରୀଯୁକ୍ତ ଶରତ ନନ୍ଦଙ୍କ ସହ ବିବାହ କରିଦେବା ପରେ ସେ ତାଙ୍କର ଲକ୍ଷ୍ମୀସାଗରସ୍ଥିତ ସ୍ୱଗୃହରେ ପୁତ୍ର ଡୁଲୁ, ପୁତ୍ରିବଧୂ ଓ ନାତୁଣୀଙ୍କ ସହ ରହି ଆସୁଥିଲେ। ଆଜି ସେ ନାହାଁନ୍ତି। ତାଙ୍କର ଅବର୍ତ୍ତମାନରେ ଆମର ସମସ୍ତ ପୁରାତନ ଶିକ୍ଷିକା-ଶିକ୍ଷକ ବନ୍ଧୁମାନେ ଝୁରି ହେଉଛନ୍ତି। ମାତ୍ର 'ଜାତସ୍ୟହି ଧ୍ରୁବ ମୃତ୍ୟୁ'। ଜନ୍ମ ପରେ ମୃତ୍ୟୁହିଁ ଚିରନ୍ତନ ସତ୍ୟ। ଦିନେନା ଦିନେ ସମସ୍ତେ କାଳର କରାଳ ଗର୍ଭରେ ଲୀନ ହୋଇଯାନ୍ତି। ସେହିପରି ଓଡ଼ିଶାର ବିଦ୍ୟାଳୟ ଶିକ୍ଷା ଆକାଶରୁ ଏକ ଉଜ୍ଜଳ ଜ୍ୟୋତିଷ୍କସମ ଜଣେ କର୍ତ୍ତବ୍ୟନିଷ୍ଠ, ସଂସ୍କାରୀ, ସଚ୍ଚୋଟ୍ ଓ ପରୋପକାରୀ ବ୍ୟକ୍ତିତ୍ୱ, ପ୍ରଦ୍ୟୁମ୍ନ ବାବୁ ଆମ ଗହଣରୁ ବିଦାୟ ନେଇଥିବାରୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଏତିକି ପ୍ରାର୍ଥନା, ସେ ତାଙ୍କ କୃପାଛାୟା ତଳେ ତାଙ୍କୁ ରଖିଥାଆନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ମାତୃଶକ୍ତି

**କୈଳାସ ଚନ୍ଦ୍ର ସାହାଣୀ**

ନାରୀ ନୁହେଁ ଖାଲି ସୁକୁମାରୀ ଫୁଲ
ଫୁଟି ଲୋଟିଯିବ ତଳେ,
ନାରୀ ଅଟେ ଜାୟା ଜନନୀ ଭଗିନୀ
ଏଇ ଧରଣୀର କୋଳେ ।

କନ୍ୟା ରତ୍ନ ନାରୀ ଦୁଃଖ ଅସୁମାରୀ
ଭୋଗିବାକୁ ନୁହେଁ ଜାତ,
ମମତାର ମଧୁ ପରଶି ଦିଏ ସେ
ସହି କଷ୍ଟ ଅପ୍ରମିତ ।

ମହିଳା ଦିବସ ପାଳନ ହେଉଛି
ନାରୀ ଜାଗରଣ ପାଇଁ,
ନାରୀ ବିନା ନର ନପାଏ ପୂର୍ଣ୍ଣତା
ପରସ୍ପର ଦେହ ଛାଇ ।

ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସତେ
ନାରୀ ପୁରୁଷ ସଂସାରେ,
ନାରୀ ନୁହେଁ କେବେ ଖେଳଣା କାହାର
ସେନେହର ମଧୁ ଝରେ ।

ପୁରୁଷର ସହ ଭାଗୀ ହୋଇ ଚଳେ
ସର୍ବ ଗୁଣେ ପରିପୂର୍ଣ୍ଣା,
କେବେ ଦେବୀ ସିଏ ମାନବୀ ହୋଇବି
ଧରାପରେ ଅବତୀର୍ଣ୍ଣା ।

ସାଗରେ ପହଁରି ଗଗନେ ଉଡେ ସେ
ଶାସନର ଡୋରି ଧରେ,
ସଂସାର ଜଞ୍ଜାଳେ ଥାଇ ଦିବା ରାତି
ଜଗତ କଲ୍ୟାଣ କରେ ।

ମହିଳା ଦିବସେ ଏଇ ବାର୍ତ୍ତା ଆମ
ହେଉ ନାରୀ ସୁରକ୍ଷିତ,
ସର୍ବ କର୍ମେ ସିଦ୍ଧି ପ୍ରସିଦ୍ଧି ଅର୍ଜନେ
ହେଉଥାଉ ଆତଯାତ ।





## ଦୋଳ ପୂର୍ଣ୍ଣିମା

**ସୁଧାକର ରାଉତ**

ଚାରିଆଡେ ଉଡ଼ି ବୁଲି ବୁଲି ଯାଇ
କୋଇଲି ହରଷେ କହିଲା
ସଜବାଜ ହୁଏ ଏ ବରଷ ପୁଣି
ଦୋଳ ପରବଟି ଆସିଲା ।
ଦୋଳ ବିମାନଟି ସୁସଜ୍ଜିତ ହୋଇ
ଦିଶଇ ଆହାକି ସୁନ୍ଦର
ରାଧାଦାମୋଦର ତହିଁ ଶୋଭାପାନ୍ତି
ଆହାକି ମହିମା ତାଙ୍କର ।
ବାଜି ଉଠିଲାଣି ଭେରୀ ତୂରୀ ଶଙ୍ଖ
ଘଣ୍ଟି ଘଣ୍ଟା ଆଉ କାହାଳୀ
ସହର କି ପଲ୍ଲୀ ଚାରିଆଡେ ଆଜି
ହରଷେ ଉଠଇ ଉଛୁଳି ।
ଘର ଘର ବୁଲି ଶ୍ରୀରାଧାମାଧବ
ଫଗୁ ସଙ୍ଗେ ଢ଼ାଳି ଆଶିଷ
ରଙ୍ଗେଇ ଦିଅନ୍ତି ସବୁରି ମନକୁ
ଦୂର କରି ମନୁ ବିରଷ ।
ଚାଚେରୀ ଭୋଗକୁ ପାଇବା ପାଇଁକି
ଦାମୋଦରଙ୍କର ଶରଧା
ଭକତେ ଜାଣିଣ ଅର୍ପଣ କରନ୍ତି
ମୁରୁକି ହସନ୍ତି ଶ୍ରୀରାଧା ।
ପିଲା ଠାରୁ ବୁଢ଼ା ଭେଦଭାବ ଭୁଲି
ଫଗୁ ଦେହେ ବୋଳି ହୋଇଣ
ରାଧାକୃଷ୍ଣେ ପ୍ରେମେ ନିଜକୁ ହଜାନ୍ତି
ସଂକୀର୍ତ୍ତନ ଗୀତ ଗାଇଣ ।
ଦୋଳ ପୂର୍ଣ୍ଣିମାଟା ଅଟଇ ନିଆରା
ଭକତି ପ୍ରେମର ପ୍ରତୀକ
ମେଳଣରେ ହୁଏ ହୃଦୟ ମିଳନ
ଛୁଟଇ ସ୍ନେହର ମହକ ।
ବସନ୍ତ ବସାଇ ଶୋଭାର ପସରା
ଦିଅଇ ଅପୂର୍ବ ପୁଲକ
ତା ସଙ୍ଗରେ ଦୋଳି ହୋଲି ପର୍ବ ଆସି
ଛୁଆଁଏ କି କାଠି କୁହୁକ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

## ଝିଅର ଆକାଶ

**ସଂଯୁକ୍ତା ଦାଶ**



ପଞ୍ଜୁରୀ ଭିତରୁ ତୋ ପାଇଁ ଆଙ୍କିଥିଲି ନକସା
ମୁକ୍ତ ଆକାଶର
ପକ୍ଷାଘାତ ଡେଣାର ଅବଶିଷ୍ଟ ଶକ୍ତି ଭରି ଦେଲି
କଅଁଳ ପକ୍ଷରେ ତୋର
ରୀତି ନୀତି ନିୟମ ନାମରେ ଯେତେକ ଶୃଙ୍ଖଳ
ଥିଲା ମୋ ପାଦରେ
ସବୁକୁ ଛିଣ୍ଡାଇ ଜାଳିଦେଇଥିଲି ତୋ ଷଠୀ ଘରର
ଅଖଣ୍ଡ ଦୀପରେ
ତୋ ଦେହକୁ ଗଢୁ ଗଢୁ ମନକୁ ବି ଗଢୁଥିଲି
ଅଜାଣତେ ତୋର
ତୋ ଆତ୍ମାକୁ ଶୁଣାଉଥିଲି ସେ ଅବ୍ୟର୍ଥ ମନ୍ତ୍ର
ମୁକ୍ତ ଉଡାଣର
ଆତ୍ମବିଶ୍ୱାସ ଭରୁଥିଲି ତୋ ଚଲାବାଟର
ପ୍ରତିଟି ବାଙ୍କରେ
ନିର୍ଭୟ ଶୋଣିତ ଝରାଇ ଦେଇଥିଲି ପ୍ରତିଟି
ଶିରା ପ୍ରଶିରାରେ
ତୋ ଉଡାଣରେ କଡ ଲେଉଟାଉଥିଲା
ନୂତନ ସମୟ
ସମୟ ଛାତିରେ ତୁ ଲେଖିଚାଲିଥିଲୁ ମୁକ୍ତିର
ନୂତନ ଅଧ୍ୟାୟ
ହେଲେ...
ଆଜି ପୁଣି ସମୟ ଅଟକି ଯାଇଛି ଅଚାନକ
ଏକ ଅମୁହାଁ ଗଳିରେ
ଯେଉଁଠି ତୋ ସ୍ୱରର ପ୍ରତିଧ୍ୱନି ଛିଟକି ଆସୁଛି
ବିଷାକ୍ତ ପବନରେ
ହତବାକ୍ ଆକାଶ ଆଜି କହିପାରୁନି କେଉଁଠି
ହଜିଗଲା ତୋ ଠିକଣା
ନିଜ ଗପ ଲେଖୁ ଲେଖୁ ନିଜଠାରେ ହୋଇଗଲୁ
ଅଚିହ୍ନା ଅଜଣା
ମୁକ୍ତିର ସ୍ୱାଦ ଅନ୍ଧ କଲା ତୋତେ ଭୁଲିଗଲୁ
ଜୀବନର ଲକ୍ଷ୍ୟ
ଅହଙ୍କାର ଆଉ ସ୍ୱେଚ୍ଛାଚାରିତାର ଚକ୍ରବ୍ୟୂହରେ
ହେଲୁ ଶ୍ୱାସରୁଦ୍ଧ
ଏବେ ଆକାଶର ସହସ୍ର ପ୍ରଶ୍ନରେ ନିରୁତ୍ତର ମୁଁ
କହିବାକୁ ନାହିଁ କିଛି
ମୁକ୍ତିର ମହତ୍ତ୍ୱ ତତେ ସଠିକ୍ ବୁଝାଇ ନପାରି
ମୁଁ ମହା ପାପ କରିଛି ।

*ମୋ- ୮୪୨୦୮୯୬୫୪୬*





## ଦିଅ ଯାଇ ଏ ବାରତା

**ସୁରମା ମିଶ୍ର**

ସକାଳୁ ଉଠି ମୁଁ ଗାଧୋଇ ପାଧୋଇ
ଘର କାମ କରୁଥିଲି
ପଡିଶା ଘରର ଭାନୁ ବୋଉ ଖୁଡ଼ୀ
ଡାକିଲେ ଶୁଣଲୋ ଗେଲୀ ।

ଅନ୍ତରଜାତୀୟ ମହିଳା ଦିବସ
ପାଳନ ହେଉଛି ଦେଶେ
ଗାଆଁମୁଣ୍ଡେ ସଭା ହେବ ବୋଲି ଆଜି
ଢ଼ାକବାଜି ଯନ୍ତ୍ର ଭାଷେ ।

ସଅଳ ତୁ କାମ ସାରି ବାହାରିବୁ
ଯିବା ଆମେ ସେ ସଭାକୁ
କେତେ ବଡ ବଡ ନେତ୍ରୀ ଆସିଥିବେ
ଦେଖିବା ଲୋ ସେମାନଙ୍କୁ ।

ଗେଲୀ କହେ ଖୁଡ଼ୀ କିପରି ଯିବି ମୁଁ
ଘର କାମ ସବୁ ଛାଡ଼ି
ନଅଟାରେ ସ୍ୱାମୀ ଅଫିସକୁ ଯିବେ
ରଖିବି ମୁଁ ରାନ୍ଧି ବାଢ଼ି ।

ଏଗାରଟା ବେଳେ ପୁଅ ଝିଅ ଦୁହେଁ
ଇସ୍କୁଲୁରୁ ଆସି ଫେରି
ଡାକିବେ ବୋଉଲୋ ଖାଇବାକୁ ଦେଏ
ଭୋକ ଲାଗିଲାଣି ଭାରି ।

ଅନ୍ଧୁଣୀ ଶାଶୁଙ୍କୁ ପାରିବିନି ଛାଡ଼ି
ମୁଁ ତ ତାଙ୍କ ଆଶା ବାଡି
ଯାଇ ପାରିବିନି ସଭାକୁ ମୁଁ ଖୁଡ଼ୀ
କହୁଅଛି ହାତ ଯୋଡ଼ି ।

କେତେ ନିର୍ଯାତିତା ମହିଳା ଅଛନ୍ତି
ସହୁଛନ୍ତି ନିର୍ଯାତନା
ନିଶାସକ୍ତ ସ୍ୱାମୀ ମାଡ ଗାଳି ଦେଇ
ଦିଅନ୍ତି କେତେ ଯାତନା ।

ତାଙ୍କ ପାଇଁ ଖୁଡ଼ୀ କର ଯାଇ କିଛି
ଏହି ମହିଳା ଦିବସେ
ସେମାନଙ୍କ ଦୁଃଖ ଜଣାଅ ହେ ଯାଇ
ନାରୀ ନେତ୍ରୀଙ୍କର ପାଶେ ।

ଦେଶରେ ଆମର କେତେ କନ୍ୟା ଭ୍ରୁଣ
ନିଇତି ହୁଅନ୍ତି ହତ୍ୟା
କେତେଯେ ମହିଳା ଧର୍ଷଣ ହୁଅନ୍ତି
ଦିଅ ତାଙ୍କୁ ଏ ବାରତା ।

ଯେଉଁ ଦିନ ନାରୀ ପାଇବ ସମ୍ମାନ
ହେବ ନାହିଁ ନିର୍ଯାତିତା
ସେଇ ଦିନ ଦେଶ ଆଗେଇବ ଖୁଡ଼ୀ
ଉଚ୍ଚ କରି ତାର ମଥା ।

ଯେତେବେଳେ ନାରୀ ପାଇବ ସୁରକ୍ଷା
ପାଇବ ନ୍ୟାୟ ବିଚାର
ସେତେବେଳେ ଖୁଡ଼ୀ ପାଇବ ହେ ସିଏ
ତାର ନ୍ୟାର୍ଯ୍ୟ ଅଧିକାର ।

*ବିଏଲ୍-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



## ବିଶ୍ୱ ମହିଳା ଦିବସ ଆସିଛି

**ଜୟନ୍ତ କୁମାର ମଲ୍ଲିକ୍**

ବିଶ୍ୱ ମହିଳା ଦିବସ ଆସିଛି
ଖୁସିର ବାରତା ନେଇ
ଦେହରେ ମନରେ ଅପୂର୍ବ ପୁଲକ
ନାଚୁଅଛି ଥେଇ ଥେଇ,
ମହିଳା ମାନଙ୍କ ସନମାନ ପାଇଁ
ସମର୍ପିତ ଏହି ଦିନ
ତାଙ୍କୁ ଛାଡ଼ିଦେଲେ ସାରା ଦୁନିଆଁଟା
ଲାଗିଥାଏ ଶିରୀହୀନ,
ଜନନୀ ଭଗିନୀ ଗୃହିଣୀ ସିଏତ
ଥାଏ ନାନା ରୂପ ଧରି
ଦିବ୍ୟ ଚେତନାକୁ କରଇ ଜାଗ୍ରତ
ସିଏ ଅଟେ ଦେବୀ ପରି,
ଅନାବିଳ ସ୍ନେହ ମମତାରେ ସେତ
ସବୁବେଳେ ଛଳଛଳ
ସିଏତ ଅଟନ୍ତି ଆଶା ଭରସାର
ପବିତ୍ର ଗଙ୍ଗାର ଜଳ,
ପୁରୁଷ ପାଇଁ ସେ ପ୍ରେରଣାର ଉତ୍ସ
ତା' ଖୁସିର ପାରିଜାତ
ସବୁରି ଜୀବନେ ପବିତ୍ର ଭାବରେ
ହୁଏ ସେତ ଆତଯାତ,
ମହିଳା ଦିବସେ ସବୁ ମହିଳାଙ୍କୁ
ସନମାନ ଦେବା ଆସ
ସବୁରି ମନରୁ ଅଶୁଭ ଭାବନା
ହୋଇଯିବ ନିଶ୍ଚେ ନାଶ ।

*ଶୂରଡିହ, ନନ୍ଦିପୁର,*
*ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*



## ତଥାପି ଅଲୋଡ଼ା

**ପ୍ରଣୀତା ମିଶ୍ର**

ସକାଳଟା ଆରମ୍ଭ ହୁଏ
ତା'ର ଡାକରେ
ବାମ୍ଫ ଉଠା ଗରମ ଚା'
ଚକୁଳି ତରକାରୀ
ସରୁ ଅରୁଆ ଚାଉଳ ଭାତ
ମାଛ ବେସର
କିଛି ବି ହୋଇପାରେନା
ତା' ବିନା ।
ତା' ବିନା ଘର
ଘର ଭଳି ଲାଗେନା
ଛାଇଯାଏ ଏକ ନିଛାଟିଆ ପଣ
ସବୁ କିଛି ଶୂନ୍ୟ ଶୂନ୍ୟ
ମନ ଖୋଜିବୁଲେ ସେହି ଶବ୍ଦ
ପାଉଁଜିର ଛମଛମ ।
ତା' ପଣତରେ ବନ୍ଧା ଆମେ
କେବେ ଜନନୀ, ଜାୟା, ଭଗିନୀ
ଅଙ୍କ ଲକ୍ଷ୍ମୀ ସୁପୁତ୍ରୀ
ଆବୋରି ବସିଥାଏ ସେ
ସମଗ୍ର ସତ୍ତାକୁ
ନିଜେ ଜଳି ଜଳି
ଅଜାଡ଼ି ଦେଇଥାଏ
ଅପୂର୍ବ ଶୀତଳତା ।
ବିଶ୍ୱର ପ୍ରତିକୋଣରେ
ଏବେ ତାର ନାମ
କଳ୍ପନା, ସୁନୀତା, ଇନ୍ଦିରା
ଲକ୍ଷ୍ମୀବାଇ ସରୋଜିନୀ ପୁଣି କୁନ୍ତଳା
ସେ ଉଠାଏ ଅସି
ପ୍ରଜାଙ୍କ ହିତ ପାଇଁ
ପୁଣି ନୀରବରେ କରେ ସଂଗ୍ରାମ
ତା'ର ଚଳଚଞ୍ଚଳ ମସି ।
କିନ୍ତୁ ଏବେ ବି ସେ ଅଲୋଡା
ଫିଙ୍ଗା ହୁଏ ଅଳିଆ ଗଦାରେ
ଜୀବନ ହାରେ ଯୌତୁକ ଜୁଇରେ
ଘରୋଇ ହିଂସାରେ
ନିଜର ସମ୍ମାନ ପାଇଁ ସଂଘର୍ଷରେ
ନର ପିଶାଚଙ୍କ ହାତରେ ।
ମହିଳା ଦିବସ କିନ୍ତୁ
ପାଳନ ହୁଏ ବର୍ଷ ପରେ ବର୍ଷ
ସଭା ସମିତିରେ ଭାଷଣ ବାଜିରେ
କେବେ ହେବ ସତେ
ଏ ନିର୍ଯାତନାର ଶେଷ ।

*ଭୁବନେଶ୍ୱର*

## ବସନ୍ତ ଆସିଛି

**ଶରତ କୁମାର ଦାସ**



ବସନ୍ତ ଆସିଛି ଫଗୁଣ ଦୋଳିରେ
ମଧୁର ମଳୟ ଧରି
ସାତ ରଙ୍ଗେ ଧରା ସଜାଇ ହେଲାଣି
ପ୍ରୀତିର ମହକ ଭରି
ସ୍ୱପ୍ନ ଖେଳେ ଲୁଚକାଳି,
ଧୀରେ ଧୀରେ ଶୀତ ଅପସରି ଯାଏ
ନୟନୁ ଲୋତକ ଢାଳି ।

ପ୍ରେମ ଋତୁ ଆସି ଛୁଇଁ ଦିଏ ଛାତି
କାମନାର ନିଆଁ ଜଳେ,
ରଜନୀଗନ୍ଧାର ଭୁରୁଭୁରୁ ବାସ୍ନା
ଛୁଟିଯାଏ ହୃଦ ତଳେ
ଚାନ୍ଦର ଚାନ୍ଦିନୀ ଛୁଏଁ,
ନିଃଶବ୍ଦ ରାତ୍ରିର ନୀରବ ପ୍ରହର
ମଦିରା-ଆସକ୍ତ ହୁଏ ।

ଆମ୍ରକୁଂଜେ ଶୁଭେ କୋକିଳ ରାଗିଣୀ
ଦୁଃଖ ଶୋକ ନିଏ ହରି
ବିଶ୍ୱାସେ ପୁଲକ ନେସିହୋଇଯାଏ
ସୁହାଗ ପଡଇ ଝରି
ମନ ହୁଏ ଆନମନା,
ସାଗରର ଢେଉ ଉନ୍ମାଦିତ ହୁଏ
ମାଟି ଲାଗେ ମଧୁଲଗ୍ନା ।

ରଙ୍ଗ ଅବିରର ଝଲମଲ ଛିଟା
ଫଗୁଣର ଫଗୁ ଖେଳ
ରାଧା କୃଷ୍ଣଙ୍କର ରୂପ ସନ୍ଦର୍ଶନ
ଦୋଳ ବିଭାନର ମେଳ
ପ୍ରାଣ ହୁଏ ଆୟୁଷ୍ମାନ,
ତନ୍ମୟ ତଲ୍ଲୀନ ହୃଦୟ ସ୍ପନ୍ଦନ
ଚିତ୍ତ ଲାଗେ ଜ୍ୟୋତିଷ୍ମାନ ।

ଫୁଲ ବଗିଚାରେ ମଧୁପ ଗୁଂଜନ
ସତେ କି ବୈକୁଣ୍ଠ ପୁର
ଫଗୁଣ ପାଦରେ ନୂପୁରର ଶବ୍ଦ
ଛମ୍ ଛମ୍ ଶୁଭେ ସୁର
ମିଳନର ତୃଷ୍ଣା ଜାଗେ,
ତନ୍ଦ୍ରା ବିଜଡିତ ଢଳ ଢଳ ନେତ୍ର
ପ୍ରଣୟର ସ୍ପର୍ଶ ମାଗେ ।

ଆତଙ୍କର ଛବି ଦୂରହେଉ ଭବେ
ନଭେ ଖେଳୁ ରୂପାଜହ୍ନ
ପାର୍ବଣ ମୁଖର ହେଉ ଏ ଜୀବନ
ଫଗୁଣର ସମ୍ମୋହନ
ରାଗ କ୍ରୋଧ ଦୂରେ ଯାଉ,
ମାନବବାଦର ଦିବ୍ୟ ପାଂଚଜନ୍ୟ
ଅନ୍ତରରେ ଶୁଭୁଥାଉ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

## କଫି ହାଉସ୍-କଲେଜ୍ ଷ୍ଟ୍ରୀଟ୍

**ଅଖିଳ କୁମାର ମିଶ୍ର**

ବିହ୍ୱଳ ଧୂଆଁ ଆଭିଜାତ୍ୟର ବନ୍ଧକୁ ଛୁଇଁଚି
ଅବହେଳାକୁ ଆୟୁଧ କରି ଜୀବନ ବିଭିନ୍ନ ବାହାନାରେ ଗଡୁଚି -
ବେପରୱା ଗପସବୁ ଟେବୁଲ୍‌ରେ ଘୁରିବୁଲୁଚି,
ଭିଡ଼ କଣ ସରେ କି ?
ବାତାବରଣ କଦବା ଥଣ୍ଡା ଥଣ୍ଡା, ବେଶ୍ ବେଳେ ଗରମ ଗରମ,
ସତରେ କିନ୍ତୁ ଅସ୍ତିତ୍ୱକୁ ଫାଙ୍କି ମାରି ଯାଉଥିବା ବେଜାର ମୁହୂର୍ତ୍ତ ।

ଜଳୁଥିବା ରାଗୁଥିବା, ଖୋଜୁଥିବା ଓ
ଗପର ଚାତୁରୀରେ କାଚ ଗିଲାସରୁ ଚା' ପିଉଥିବା ମଣିଷଟେ-
କେଉଁ ଜାଗାରେ ଅଟକେ,
ପରିଯାତ୍ରୀ ସାଜି ଆକାଶରୁ ଜହ୍ନକୁ ଟାଣେ
ତୁଚ୍ଛା ପୃଥିବୀକୁ,
ବିଶ୍ଳେଷଣରେ ସଜେଇ ଦିଏ ସମ୍ବନ୍ଧର କ୍ଷଣ ଭଂଗୁରତାକୁ ।

ଏତେ ଆତୁର କାହିଁ ଦୁଶେ ଆଖି ?
ଆତ୍ମୀୟତା କଣ ନଥାଏ ଗୋଟାଏ ଘରର ସଂଧ୍ୟାରେ,
ଚିହ୍ନା ପରିଚୟ ହେଉ ନଥିବା କୌଣସି କୋଳାହଳ କିଆଁ,
ତମସା ନଦୀ ପରି ସମ୍ଭାବନାର ଜାଲ ଦେଖାଏ,
ସାଥୀ ହୋଇ ଭାସମାନ କାକପକ୍ଷୀ ସହ ଉଡ଼ିଯିବାର ଭ୍ରମ ଡିଆରେ-

ନିଃସଙ୍ଗତାକୁ ଖୋଜୁଚି ଏବେବି,
ଯାହାକୁ ଛାଡ଼ି ଆସିଥିଲି କଲେଜ୍ ଷ୍ଟ୍ରୀଟ୍‌ରେ,
ମସିହା ଯାଇ ବଦଳିଲାଣି ୨୦୦୦ରୁ ୨୦୨୫ରେ,
ଧୂଆଁର ଏକ ବଳୟ ଆପଣାର ପରି କୁଣ୍ଢାଇ ଧରିଚି କଫି ହାଉସ୍‌କୁ,
ଏ ଜୀବନ କି ଅତୀତକୁ ଫେରିଯିବାରେ ଆନନ୍ଦ ଲଭେ,
ଦଉଡୁଥିବା ବର୍ତ୍ତମାନର କାନ୍‌ଭାସ୍‌ରେ ଚିତ୍ରପ୍ରତିମାଙ୍କୁ
ଆବିଷ୍କାର କରେ ?

*ଆଡ଼ିସ୍‌ନାଲ୍ ଡିଜି, ପିଆଇବି, ଭୁବନେଶ୍ୱର*

## ଭାଇରାଲ୍



**ରାଜେଶ କୁମାର ବାରିକ**

ସିଗାରେଟ୍‌ର ଧୂଆଁରେ ହଷ୍ଟେଲ୍‌ର ପୁରା ରୁମ୍ ଭରିସାରିଥାଏ । ବୋଧୁଏ ଦୁଇ ତିନି ପ୍ୟାକେଟ୍ ସିଗାରେଟ୍ ଶେଷ ହୋଇସାରିଛି । ଡରରେ ଆଖି ପୁରା ନାଲ୍, ମନରେ ଭରି ରହିଛି ମନଭରା କୋହ । କାନ୍ଦିବ କାନ୍ଦିବ ଭାବି ହେଲେ କାନ୍ଦି ପାରୁନାହିଁ ପ୍ରିନ୍ସ । ଖାଲି କୋଠରୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ପଦଚାରଣ କରି ପ୍ରିୟାକୁ ଫୋନ୍‌ରେ ବାରମ୍ବାର ବୁଝାଇବାକୁ ଚେଷ୍ଟା କରୁଛି ।

ଦେଖ୍ ପ୍ରିୟା ମୁଁ ସେ ଭିଡ଼ିଓ ଭାଇରାଲ୍ କରିନି କି ଜାଣିନି ଏ ଭିଡ଼ିଓ କିଏ ଭାଇରାଲ୍ କରିଛି । ଦେଖ ! ଆମ ଭିତରେ ପ୍ରେମ ଥିଲା ! ଏବେ ହୁଏତ ମୋପ୍ରତି ତୁମ ମନରେ ପ୍ରେମ ଥାଇନପାରେ କିନ୍ତୁ ଆଜିବି ମୁଁ ତୁମକୁ ପୂର୍ବପରି ଭଲ ପାଉଛି ଆଉ ଆଶା ଅଛି ଜୀବନରେ କେବେ ଜଦି ମୋ ପାଖକୁ ଫେରି ଆସ ତେବେ ବି ମୁଁ ତୁମକୁ ପୂର୍ବପରି ଭଲ ପାଇବି । ଛାଡ଼ ଏବେ ପରା ଆମର ବ୍ରେକ୍ ଅପ୍ ହୋଇସାରିଛି ।

ମୁଁ ଜାଣିଥିଲି ତୁମର ସେଇ ପାଗଳାମୀ ପାଇଁ ତୁମେ ମୋ ସହ ଏପରି କିଛି କରିବ ବୋଲି, ଆଉ କରିଦେଲ । ହେଲେ ଭାବିନଥିଲି ତୁମେ ଏତେ ତଳକୁ ଖସିଯିବ ବୋଲି ... ଶେଷରେ ତୁମେ ଆମର ପୁରୁଣା ଭିଡ଼ିଓଟିକୁ ଭାଇରାଲ୍ କରିଦେଲ ... ଛି ... ଏବେ ବି ବିଶ୍ୱାସ କରିପାରୁନି । ଦିନେ ତୁମକୁ ଏତେ ଭଲପାଉଥିଲି ବୋଲି ।

ମୋତେ ବିଶ୍ୱାସ କର, ମୁଁ ଆମ ପ୍ରେମକୁ ଏମିତି ସର୍ବସାଧାରଣ କରିପାରିବି ନାହିଁ, ହଁ ମାନୁଛି ସେ ଭିଡ଼ିଓ ମୋ ମୋବାଇଲ୍‌ରେ ଥିଲା ଆଉ ତୁମେ ବି କେମିତି ଭୁଲିଯାଉଛ ଯେ ଏଇ ଭିଡ଼ିଓଟି ତୁମ ମୋବାଇଲ୍‌ରେ ସୁଟ୍ ହୋଇଥିଲା ବୋଲି । ଦେଖ ଏବେ କଥା ବହୁତ ଆଗକୁ ବଢ଼ି ସରିଲାଣି । ଗୋଟିଏ କାମ କର ତୁମେ ମୋ ପାଖକୁ ଆସ ଦୁହେଁ ବସି ଏହାର ଏକ ସମାଧାନ ଉପାୟ ବାହାର କରିବା ।

ତୁମେ ଚିନ୍ତା କରନି ଏହାର ଉପାୟ ବାହାରି ସାରିଛି । ଖୁବ୍ ଶିଘ୍ର ଦୋଷୀ ମଧ୍ୟ ଦଣ୍ଡ ପାଇବାକୁ ଯାଉଛି । ଖାଲି ଅପେକ୍ଷା ଆଉ କିଛି ସମୟକୁ ।

ଆଉ କିଛି କହିବା ପୂର୍ବରୁ ଫୋନ୍‌ଟା କଟିଗଲା । ହଠାତ୍ ରୁମ୍ ଭିତରକୁ ଦୁଇଚାରିଜଣ ପୋଲିସବାଲା ପସି ପ୍ରିନ୍ସକୁ ଘେରିଗଲେ । ପ୍ରିନ୍ସ ପ୍ରିୟାକୁ ଆଉ କିଛି କହିବା ପୂର୍ବରୁ ହାତରୁ ମୋବାଇଲ୍‌କୁ ଛଡାଇ ନେଇ ଟାଣି ଟାଣି ପୋଲିସ ଗାଡ଼ି ଭିତରେ ବସାଇ ଦେଲେ । ତେଣେ ପ୍ରିନ୍ସ ଶତଚେଷ୍ଟା କରି ମଧ୍ୟ ନିଜର ପକ୍ଷ ରଖିପାରୁନଥିଲା କି ଭାବିପାରୁନଥିଲା ତା'ର ଦୋଷ କ'ଣ ? ଖାଲି ଦୂରରୁ ଦେଖିପାରୁଥିଲା ଝରକା ପଟେ ଦେଇ ବାହାରକୁ ବାହାରୁଥିବା ସିଗାରେଟ୍‌ର ଧୂଆଁକୁ ।

ଏଣେ ପ୍ରିନ୍ସର ଜେଲ୍ ଯିବା ଖବରଟା ଏପରି ଭାଇରାଲ୍ ହେଲା ଯେ ଖବରଟା ପ୍ରିଣ୍ଟ୍ ମିଡ଼ିଆ ଠାରୁ ଆରମ୍ଭ କରି ଟିଭି ମିଡ଼ିଆରେ ଘୁରିବୁଲିଲା । ରଘୁନନ୍ଦନ ଦାସଙ୍କ ପୁଅ ପ୍ରିନ୍ସ ଗୋଟିଏ ଝିଅର ଭିଡ଼ିଓ ଭାଇରାଲ୍ କରି ଜେଲ୍‌କୁ ଯାଇଛି । ରଘୁନନ୍ଦନ ବାବୁ ପୁଅର ଫଟୋ ଭିଡ଼ିଓ ଦେଖି ଯେତିକି ଆଘାତ ପାଇନଥିଲେ ତା' ଠାରୁ ଅଧିକ ଆଘାତ ପଡୋଶୀମାନଙ୍କ ଠାରୁ ପାଉଥିଲେ । ପଡୋଶୀ ମାନେ କଟା ଘାରେ ଲୁଣ ଦେବା ପରି ଖାଲି ଦେଖେଇ ଶିଖାଇ କହୁଥାନ୍ତି ।

ରଘୁନନ୍ଦନ ଦାସ କହୁଥିଲା ତା' ପୁଅ କୁଆଡେ ସହରରେ ପଢ଼ିବ ବଡ଼ ମଣିଷ ହେବ । ବାପ ମାଆର ବଡ ନାଆ କରିବ । ଏଇ ଦେଖ ମ ପୁଅ ତୁମର ସହରକୁ ଯାଇ ପାଠ ପଢୁଥିଲା ନା ଝିଅ ମାନଙ୍କ ସହ ଥେଇ ଥେଇ ହେଉଥିଲା । ଏବେ ଭିଡ଼ିଓ ଭାଇରାଲ୍ କରି ଜେଲ୍‌କୁ ଗଲା । ଏକାବେଳେ ସେ ଏମିତି ଏକ ବଡ଼ ନାଆ କରିଲା ଯେ ପୁରା ରାଜ୍ୟ ଟିଭି, ଖବରକାଗଜରେ ଭାଇରାଲ୍ ହୋଇଗଲା । ଏମିତି ଏଇ ବାପ-ମାଆ ମୁହଁକୁ ଲାଜ ନାହିଁ ଯେ ଏମିତି ଦମ୍ଭରେ ଛଡା ହୋଇଛନ୍ତି । ଆମେ ହୋଇଥିଲେ ପୁଅକୁ କେବେଠାରୁ ଶୁଧ-ଶ୍ରାଦ୍ଧ ହୋଇ ସାରନ୍ତୁଣି ନହେଲେ ଦଉଡ଼ି ବେକରେ ଦେଇ କେବେଠାରୁ ଝୁଲିପଡନ୍ତୁଣି । ଏଇ ନିର୍ଲଜ ବୋଲି ରାସ୍ତାରେ ଚାଲୁଛନ୍ତି ।

ରଘୁନନ୍ଦନ ଦାସର ପାଖରେ କହିବାକୁ କିଛି କଥା ନଥାଏ । ପତ୍ନୀଙ୍କ ପାଖରେ ଆଉଜି ହୋଇ ଖାଲି କହୁଥାନ୍ତି ବୋଧହୁଏ ଆମ ଶିକ୍ଷା ସଂସ୍କାରରେ କିଛି କମି ରହିଗଲା । ନହେଲେ ପିଲାଟା ଏତେ କିପରି ତଳକୁ ଯାଇଥାନ୍ତା । ଶେଷରେ ଭିଡିଓକୁ ଭାଇରାଲ୍ କରି ଜେଲ୍‌କୁ ଗଲା । ଏବେ ତା ଭବିଷ୍ୟତ କ'ଣ ହେବ ଭାବିଲା ବେଳକୁ ଡର ଲାଗୁଛି ।

ଦେଖ ଯାହା ହେବାର କଥା ସବୁ ହୋଇ ସାରିଲାଣି । ଆମେ ତ ଆମର କର୍ମ ଧର୍ମ କରି ତା'କୁ ଉଚ୍ଚ ଶିକ୍ଷା ପାଇଁ ସହରକୁ ପଠାଇଲୁ ଆମର ବା ଭୁଲ୍ କେଉଁଠି । ବୁଝିଲା ସୁଝିଲା ପିଲା ହୋଇ ଯଦି ଏପରି କରିବ ତେବେ ଆମେ କ'ଣ ବା କରିପାରିବା । ଆମେ ତା'ପରି ଏତେ ଚାଲାକ୍ ଚତୁର ନୁହେଁ ଯେ କାହା ସହ ଯାଇ କିଛି କରିପାରିବା । ଏଣିକି ତା' ଭାଗ୍ୟ । ବନ୍ଧୁବାନ୍ଧବ ଠାରୁ ଆରମ୍ଭ କରି ପଡୋଶୀ ମାନେ ଆମର ବଇରି ହୋଇସାରିଲେଣି । ଦେଖ ତୁମ ସାଙ୍ଗ ସାଥି ମାନେ ଯଦି କିଛି ସାହାଯ୍ୟ କରିବେ ଅନ୍ତତଃ ପିଲାଟା ବାହାରକୁ ବାହାରି ଆସନ୍ତା । ମାନମହତ ଯାଇଛି ଯାଉ ତାକୁ ତ ଆଉ ଫେରାଇ ଆଣିହେବ ନାହିଁ । ଅତି କମ୍‌ରେ ପିଲାଟାର ଜୀବନ ରହିଯାଉ ।

ତୁମକୁ କଣ ଲାଗୁଛି ପିଲାଟା ଆମର ଭଲ ଅବସ୍ଥାରେ ଅଛି । ସେ ଭଲ ଅବସ୍ଥାରେ ଥାନ୍ତା ଗୋଟିଏ ଝିଅର ଜୀବନକୁ ଏପରି ନଷ୍ଟ କରିନଥାନ୍ତା । ଥରେ ଭାବ ଆମର ଅବସ୍ଥା ଜଦି ଏପରି ସେ ଝିଅର ବାପା-ମାଆଙ୍କର ଘରର ଅବସ୍ଥା କିପରିଥିବ । ସେ ଝିଅ ତେଣେ ବିଷ ଖାଇବଣି କି ଦଉଡ଼ି ଦେବଣି । ଏ କୁଳାଙ୍ଗାରଟା ଜେଲ୍‌ରେ ଥାଉ ବଞ୍ଚିକି ଥାଉ ମୁଁ ମୋର କୋଉ ସାଙ୍ଗକୁ କ'ଣ ବା କହିବି ...... ମୋ ପୁଅ ସହରକୁ ପଢ଼ିବାକୁ ଯାଇ ଝିଅର ଭିଡ଼ିଓ ଭାଇରାଲ୍ କରି ଜେଲ୍‌କୁ ଯାଇଛି ସେ କିପରି ଫେରିବ ମୋତେ ଟିକିଏ ସାହାଯ୍ୟ କର ! ଆଉ ତୁମକୁ କ'ଣ ଲାଗୁଛି ସେମାନେ ଏକଥା ଜାଣିନଥିବେ ବୋଲି । ଭିଡ଼ିଓ ଏପରି ଭାଇରାଲ୍ ହେଉଛି ଯେ ଥମିବାର ନାଁ ଧରୁନି । ହେଲେ କଥାଟା କେବେଠାରୁ ସେମାନଙ୍କ ପାଖରେ ପହଞ୍ଚି ସାରିଥିବ । ଏମିତିରେ ଏକଥା କାହାକୁ କହିବାକୁ ମୋ ପାଖରେ ସାହାସ ନାହିଁ କି ଧର୍ଯ୍ୟ ନାହିଁ ।

ହେଲେ ଆମ ପୁଅ !

ସେ ଆମର ଆଶା ସ୍ୱପ୍ନ ସହ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ତା କଥା ଆଉ କିଛି ମୋତେ କୁହନି ।

ସଞ୍ଜ ନଇଁବାକୁ ବସିଥିଲା । କାନ୍ଥକୁ ଆଉଜି ବୁଢ଼ାବୁଢୀ ଦୁହେଁ ଉପରକୁ ଚାହିଁ ରହିଥିଲେ । ଅନିଶ୍ଚିତତାର ଆଶା ନେଇ.....

ଜେଲ୍‌ର ଚାରି କାନ୍ଥ ଭିତରେ ଏକାକି ବସି ଭାବୁଥାଏ ପ୍ରିନ୍ସ ତା'ର ଭୁଲ୍ ରହିଲା କେଉଁଠି ! ପ୍ରିୟାକୁ ଭଲପାଇବା ନା' ଭିଡ଼ିଓ ଭାଇରାଲ୍ ହେବା । ନିଜେ କରିଥିବା ଭୁଲ୍ ଠିକ୍‌ର ନିଜେ ହିସାବ କରୁଥାଏ । ନା...... ମୋ ମୋବାଇଲ୍‌ରୁ ଭିଡ଼ିଓ ଭାଇରାଲ୍ ହୋଇନି । ବେଧୁଏ ପ୍ରିୟାର ମୋବାଇଲ୍‌ରୁ ହୋଇଥିବ..... । ପ୍ରିୟା ବା ଏମିତି କାହିଁକି କରିବ ! ପ୍ରିୟା ତ ବାଟ କାଟି ନିଜ ବାଟ ଦେଇ ଚାଲିଯାଇଥିଲା । ହେଲେ ମୁଁ ତ ତା ବାଟରେ କଣ୍ଟା ହେବାକୁ କେବେବି ଚେଷ୍ଟା କରିନି କି ତାକୁ କେବେବି ତା' ପଥରୋଧ କରିନି, ହେଲେ ସିଏ ମୋତେ ଶତ୍ରୁ ବୋଲି କାହିଁକି ଭାବିବ ? ଏଥିରେ ବା ସେ କି ଲାଭ ପାଇବ ! ଏଥିରେ ମୋର ଯେତିକି କ୍ଷତି ହୋଇନି ତା'ଠାରୁ ଆଧିକ କ୍ଷତି ପ୍ରିୟାର ହୋଇଥିବ । ତା' ହାହେଲେ ଏପରି କାମ କିଏ କରିଥିବ ! ନା' ପ୍ରିୟା ସେମିତି କିଛି କରିନଥିବ । ଯଦି ଏମିତି ନୁହେଁ ତାହାହେଲେ ସେ ମୋ ଉପରେ ସନ୍ଦେହ କରୁଛି ମୁଁ ଭିଡ଼ିଓ ଭାଇରାଲ୍ କରିଛି ବୋଲି ଭାବୁଛି । ହଁ... ସେଥିପାଇଁ ପ୍ରିୟା ତ କହୁଥିଲା ଦୋଷୀ ମଧ୍ୟ ଦଣ୍ଡ ପାଇବାକୁ ଯାଉଛି ଖାଲି ଅପେକ୍ଷା ଆଉ କିଛି ସମୟକୁ । ଆଉ ସେଇ ସମୟରେ ପୋଲିସ ଘର ଭିତରକୁ ପଶି ଆସିଲା ।

ଯଦି ସେ ଠିକ୍, ତାହା ହେଲେ ମୁଁ ଭୁଲ୍ କିପରି ହେବି । ଆମ ଦୁହିଁଙ୍କ ଭିତରେ ସମ୍ପର୍କ ଠିକ୍ ନଥିଲା ବୋଲି ଦୁହେଁ ଅଲଗା ହେଲୁ, ଦୁହିଁଙ୍କ ଭିଡ଼ିଓ ଭାଇରାଲ୍ ହେଲା ପରେ ମୁଁ ଏକା କାହିଁକି ଦୋଷି ହେବି, କାହିଁକି ଏକା ଦଣ୍ଡ ପାଇବି । କାହିଁକି ସିଏ ବି ଦଣ୍ଡ ପାଇବା କଥା । ସେ ବି ଦୋଷି ହେବା କଥା । କିନ୍ତୁ ଏସବୁ ଭିତରେ ଗୋଟିଏ ପ୍ରଶ୍ନ ଭିଡ଼ିଓ ଭାଇରାଲ୍ କଲା କିଏ ? ପ୍ରିନ୍ସର ମୁଣ୍ଡରେ କିଛି ପଶୁନଥାଏ । ଖାଲି ଚିତ୍କାର କରି କରି କହିଉଠୁଥାଏ ହେ ଭଗବାନ ତୁମେ ଗୋଟିଏ ବିଚାର କର !

ଏଇ ସମୟକୁ ଦୁଇଜଣ ପୋଲିସ ବାଲା ଆସି ଗେଟ୍ ଖୋଲିଲେ । କହିଲେ ତୁମକୁ ଏବେ ଘରକୁ ଯିବା ପାଇଁ ପଡ଼ିବ । ପୋଲିସର କଥା ଶୁଣି ପ୍ରିନ୍ସ କିଛି ବୁଝିପାରୁନଥାଏ କି ମନା କରିବାର ଇଚ୍ଛା ମନରେ ଆସୁନଥାଏ । ହାତରେ ହାତକଡ଼ି ପିନ୍ଧି ପୋଲିସ ଡାଏରିରେ ଦସ୍ତଖତ କରିବା ବେଳେ କାନରେ ଖବର ପଡ଼ିଲା ଟିଭିରେ ଖବର ପ୍ରସାରଣ ହେଉଥାଏ ସହରକୁ ପଢ଼ିବାକୁ ଯାଇ ପୁଅ, ଝିଅର ଭିଡ଼ିଓ ଭାଇରାଲ୍ କରି ଜେଲ୍ ଯିବାର ଖବର ଶୁଣି ଗାଁରେ ବାପା-ମାଆ ଦୁହେଁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଦେଲେ । ଖବରଟା କାନରେ ବାଜିବା ମାତ୍ରେ ପ୍ରିନ୍ସ ଭୟରେ ଥରି ଉଠିଲା । ସେ ଜାଣିପାରୁନଥିଲା କି ସେ ହତଭାଗା, ହତଭାଗିନୀ ବାପା-ମାଆ ଦୁହେଁ କିଏ ? ହେଲେ ନୀରବ ! ପୋଲିସର ଗାଡ଼ି ଗଡ଼ି ଗଡ଼ି ଯାଇ ଶ୍ମଶାନରେ ଅଟକିବା ଦେଖି ପ୍ରିନ୍ସ ବୁଝିସାରିଥିଲା ସେ ହତଭାଗା, ହତଭାଗିନୀର ପୁଅ ସେ ନିଜେ ବୋଲି ।

ଖାଲି କୋହ ଭରା କଣ୍ଠରେ ଚିତ୍କାର କରି କରି ପଚାରୁଥିଲା ହେ... ସମାଜ... ହେ ଆଇନ୍ ବ୍ୟବସ୍ଥା ମୋତେ ଆଜି ଉତ୍ତର ଦିଅ ତୁମକୁ ଆଖିରେ ମୁଁ ଜଦି ପ୍ରିୟାର ଭିଡ଼ିଓ ଭାଇରାଲ୍ କରି ଜେଲ୍‌କୁ ଗଲି ମୋର ଜେଲ୍ ଯାଇଥିବା ଖବର ଭାଇରାଲ୍ କଲା କିଏ ! ମୋ ପାଇଁ ମୋ ବାପା-ମାଆଙ୍କର ମୃତ୍ୟୁ ହୋଇଛି ବୋଲି ଭାଇରାଲ୍ କଲା କିଏ ? ମୁଁ ଜଦି ଭାଇରାଲ୍ ପାଇଁ ଜେଲ୍ ଯାଇଛି ତେବେ ମୋର ଜେଲ୍ ଯାଇଥିବା ଖବର ଭାଇରାଲ୍ ପାଇଁ କିଏ ଦଣ୍ଡ ପାଇବ ! ମୋ ପାଇଁ ମୋ ବାପା-ମାଆଙ୍କର ମୃତ୍ୟୁ ହୋଇଛି ବୋଲି ଖବର ଭାଇରାଲ୍ କରିଥିବା ବ୍ୟକ୍ତି ସହ କ'ଣ ହେବ ! ଆଜି ମୋ ବାପା ମାଆଙ୍କର ମୃତ୍ୟୁ ପାଇଁ କିଏ ଦାୟୀ କିଏ ହେବ ମୋ ପ୍ରଶ୍ନର ଉତ୍ତର ଦିଅ ?

ଜୁଇର ଧୂଆଁ ଆକାଶରେ ମିଳାଇବା ପରି ପ୍ରିନ୍ସର ପ୍ରଶ୍ନ ସବୁ ଆକାଶରେ ମିଳାଇଯାଉଥିଲା ହେଲେ ଉତ୍ତର ମିଳୁନଥିଲା ।

*ଦେବେନ୍ଦ୍ରପୁର, ଅଭଣା, ବାଲେଶ୍ୱର*
*ମୋ-୯୯୯୮୬୨୨୩୩୬*

## ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ



**ଚେକ୍ ରିପବ୍ଲିକ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ରାଉଣ୍ଡରେ ଚେକ୍ ରିପବ୍ଲିକର ଡେଭିଡ୍ ନାଭାରାଙ୍କ ସହ ତାଙ୍କ ଗେମ୍ ଡ୍ର' ରଖିଛନ୍ତି। ଏଥିସହିତ ସେ ତାଙ୍କର ପ୍ରଥମ ପ୍ରମୁଖ ଟାଇଟଲର ନିକଟତର ହୋଇଛନ୍ତି। ଏହି ଫଳାଫଳ ଦ୍ୱାରା ଅରବିନ୍ଦଙ୍କ ପଏଣ୍ଟ ସଂଖ୍ୟା ୫.୫ରେ ପହଞ୍ଚିଛନ୍ତି। ଆର. ପ୍ରଜ୍ଞାନନ୍ଦଙ୍କଠାରୁ ଅଧାପଏଣ୍ଟ ଆଗରେ ସେ ପୂର୍ବଭଳି ଅଗ୍ରଣୀ ରହିଛନ୍ତି।

ପ୍ରଜ୍ଞାନନ୍ଦ ମଧ୍ୟ ଭିଏତ୍‌ନାମର କ୍ୱାଙ୍ଗ୍ ଲିଭ୍ ଲି'ଙ୍କ ବିପକ୍ଷ ଗେମ୍ ଡ୍ର' ରଖିଛନ୍ତି। ଅରବିନ୍ଦ ଫାଇନାଲ ରାଉଣ୍ଡରେ ତୁର୍କୀର ଏଡିଜ୍ ଗୁରେଲଙ୍କୁ ସାମ୍ନା କରିବେ। ଅନ୍ୟପକ୍ଷରେ ପ୍ରଜ୍ଞାନନ୍ଦଙ୍କୁ ନେଦରଲାଣ୍ଡ୍ସ ଆନିଶ ଗିରିଙ୍କ ସହ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ।

ଅନ୍ୟପକ୍ଷରେ ଟପ୍ ସିଡ୍ ଚାଇନିଜ ଗ୍ରାଣ୍ଡମାଷ୍ଟର ୱି ୟି' ଦୃଢ ପ୍ରତ୍ୟାବର୍ତ୍ତନ ସହ ସ୍ଥାନୀୟ ଫେଭରିଟ୍ ଏନଗୁୟେନ ଥାଇ ଦାଇ ଭାନ୍‌ଙ୍କୁ ପରାସ୍ତ କରି ୪.୫ ପଏଣ୍ଟ ସହ ଏକାକି ତୃତୀୟ ସ୍ଥାନରେ ରହିଛନ୍ତି।

ଚାଇନିଜ୍ ଖେଳାଳି ତାଙ୍କ ପ୍ରଥମ ତିନୋଟି ଗେମ୍ ମଧ୍ୟରୁ ଦୁଇଟିରେ ପରାଜିତ ହୋଇଥିଲେ। ଭିନସେଣ୍ଟ କେମର (ଜର୍ମାନୀ), ଏଡିଜ ଲରେଲ ଓ ଗିରି ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ୪ର୍ଥ ସ୍ଥାନରେ ରହିଛନ୍ତି। ସେମାନଙ୍କ ପଛକୁ କ୍ୱାଙ୍ଗ ଲିମ୍, ନାଭାରା ଓ ସାମ୍ ଶନକଲାଣ୍ଡ ପ୍ରତ୍ୟେକ ୩.୫ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଦାଇ ଭାନ୍ ୨.୫ ପଏଣ୍ଟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛନ୍ତି।

# ବିସିସିଆଇର ଏ+ ଚୁକ୍ତିରୁ ବାଦ୍ ପଡ଼ିବେ ରୋହିତ, ବିରାଟ ଓ ଜାଡେଜା !

**ନୂଆଦିଲ୍ଲୀ**

ଚଳିତ ବର୍ଷ ବିସିସିଆଇ ଖେଳାଳିମାନଙ୍କ ସହ କରୁଥିବା ବାର୍ଷିକ ଚୁକ୍ତି ତାଲିକା ଘୋଷଣା କରିନାହିଁ। ଖୁବଶୀଘ୍ର ବିସିସିଆଇ ତା'ର କେନ୍ଦ୍ରୀୟ ଚୁକ୍ତିରେ କେଉଁ ଖେଳାଳିଙ୍କୁ ରଖିବ ଓ କାହାକୁ ବାଦ ଦେବ, ତା' ନିଷ୍ପତ୍ତି ନେବ। ତେବେ ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ବିସିସିଆଇର ଏ+ ଚୁକ୍ତି ହରାଇ ପାରନ୍ତି ବୋଲି କୁହାଯାଉଛି। ନିୟମ ଅନୁସାରେ ଯେଉଁ ଖେଳାଳିମାନେ କ୍ରିକେଟର ୩ଟି ଯାକ ଫର୍ମାଟ- ଟେଷ୍ଟ, ଦିନିକିଆ ଓ ଟି-୨୦ ଖେଳନ୍ତି, ସେମାନଙ୍କୁ ବିସିସିଆଇ ଏ+ କଣ୍ଟ୍ରାକ୍ଟରେ ରଖେ।

ଏହି ବର୍ଗରେ ରହୁଥିବା ଖେଳାଳିମାନଙ୍କୁ ବିସିସିଆଇ ସବୁଠାରୁ ଅଧିକ ଟଙ୍କା ଦେଇଥାଏ। କିନ୍ତୁ ୨୦୨୪ ଟି-୨୦ ବିଶ୍ୱକପ ପରେ ରୋହିତ, ବିରାଟ ଓ ଜାଡେଜା ଟି-୨୦ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ଏବେ ସେମାନେ କେବଳ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳୁଥିବାରୁ ୩ ଜଣ ଏ+ ଚୁକ୍ତିରୁ ବାଦ ପଡ଼ି ପାରନ୍ତି ବୋଲି କୁହାଯାଉଛି। ସାଧାରଣତଃ ଆଇପିଏଲ ପୂର୍ବରୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତି ସାର୍ବଜନୀନ କରିଥାଏ। କିନ୍ତୁ ଏଥର ବୋର୍ଡ ଚାମ୍ପିୟନ୍ସ ଟ୍ରଫି ପରେ ଚୁକ୍ତି ସମ୍ପର୍କରେ ଘୋଷଣା କରିବ ବୋଲି ଜଣାପଡ଼ିଛି।

ନିୟମ ଅନୁସାରେ, ରୋହିତ, ବିରାଟ ଓ ଜାଡେଜା ଏ+ ଚୁକ୍ତିରୁ ବାଦ ପଡ଼ିବା କଥା। କିନ୍ତୁ ଚାମ୍ପିୟନ୍ସ ଟ୍ରଫିରେ ଟିମ ଇଣ୍ଡିଆର ୩ ବରିଷ୍ଠ ଖେଳାଳି ରୋହିତ, ବିରାଟ ଓ ଜାଡେଜା ଭଲ ପ୍ରଦର୍ଶନ କରିଛନ୍ତି। ରୋହିତଙ୍କ



ନେତୃତ୍ୱରେ ଦଳ ରବିବାର ଫାଇନାଲ ମଧ୍ୟ ଖେଳିବ। ତେଣୁ ଚାମ୍ପିୟନ୍ସ ଟ୍ରଫି ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏ+ ବର୍ଗରେ ପୂର୍ବଭଳି ରଖାଯାଇ ପାରେ। ଏହି ୩ ଜଣଙ୍କ ବ୍ୟତୀତ ଏ+ ଚୁକ୍ତିରେ ଥିବା ଅନ୍ୟତମ ତଥା ଏକମାତ୍ର ଖେଳାଳି ହେଲେ ଯଶପ୍ରୀତ ବୁମ୍ରା। ସେ ପୂର୍ବଭଳି ଏହି ବର୍ଗରେ ରହିବା ଏକପ୍ରକାରର ନିଶ୍ଚିତ।

ରିପୋର୍ଟ ଅନୁସାରେ, ଗତବର୍ଷ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ଶ୍ରେୟସ ଆୟର ବିସିସିଆଇର ନିର୍ଦ୍ଦେଶ ପାଳନ କରି ନଥିବାରୁ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ ଦିଆଯାଇଥିଲା। କିନ୍ତୁ ଚାମ୍ପିୟନ୍ସ ଟ୍ରଫି ଓ ଇଂଲଣ୍ଡ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ପୁଣି କେନ୍ଦ୍ରୀୟ ଚୁକ୍ତିରେ ବିସିସିଆଇ ସାମିଲ କରିବ। ବିସିସିଆଇ ତାଗିଦ ପରେ ଶ୍ରେୟସ ପ୍ରଥମେ ଘରୋଇ କ୍ରିକେଟ ଖେଳିଥିଲେ। ସେଠାରେ ନିଜର ଦମ ଦେଖାଇବା ପରେ ଜାତୀୟ ଟିମରେ ତାଙ୍କୁ ସୁଯୋଗ ମିଳିଥିଲା।

ରବି ଚନ୍ଦ୍ରନ ଅଶ୍ୱିନ ପୂର୍ବରୁ କେନ୍ଦ୍ରୀୟ ଚୁକ୍ତିର ଏ ବର୍ଗରେ ଥିଲେ। କିନ୍ତୁ ଏବେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ତେଣୁ ଚୁକ୍ତିରୁ ବିସିସିଆଇ ବାଦ ଦେବ। ସେହିପରି ବି ଗ୍ରୁପରେ ଥିବା ଅନେକ ଖେଳାଳି ଏ ବର୍ଗକୁ ପଦୋନ୍ନତି ପାଇବେ।

ଗୋଟିଏ ସୂତ୍ରରେ କୁହାଯାଇଛି ଯେ ଚାମ୍ପିୟନ୍ସ ଟ୍ରଫି ପରେ ରୋହିତ ନିଜର ଅବସର ସମ୍ପର୍କରେ କ'ଣ ନିଷ୍ପତ୍ତି ନେଉଛନ୍ତି, ତା'କୁ ବିସିସିଆଇ ଅପେକ୍ଷା କରି ରହିଛି। ଯଦି କୌଣସି କାରଣ ବଶତଃ ରୋହିତ ଅବସର ଘୋଷଣା କରନ୍ତି, ତା'ହେଲେ ଆଗକୁ କ'ଣ କରାଯିବ ସେନେଇ ବୋର୍ଡ ନିଷ୍ପତ୍ତି ନେବ। ସେ ଗତ ଜୁଲାଇରେ ଭାରତକୁ ଟି-୨୦ ବିଶ୍ୱକପ ଦେଇଥିଲେ। ଏବେ ସେ ଭାରତକୁ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପହଞ୍ଚାଇଛନ୍ତି। ତେଣୁ ଏହାକୁ କେହି ଭୁଲିବା କଥା ନୁହେଁ ବୋଲି ଏହି ସୂତ୍ରରେ ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

ଏ+ ଚୁକ୍ତିରେ ରହୁଥିବା ଖେଳାଳି ବାର୍ଷିକ ୭ କୋଟି, ଏ ଗ୍ରୁପରେ ଥିବା ଖେଳାଳିଙ୍କୁ ୫ କୋଟି, ବି ଗ୍ରୁପରେ ଥିବା ଖେଳାଳିଙ୍କୁ ୩ କୋଟି ଓ ଗ୍ରୁପ ସି'ରେ ଥିବା ଖେଳାଳିଙ୍କୁ ବିସିସିଆଇ ୧ କୋଟି ଲେଖାଏ ଟଙ୍କା ଦେଇଥାଏ। କେଉଁ ଖେଳାଳି କେଉଁ ଗ୍ରୁପରେ ରହିବେ, ସେକଥା ବସିସିଆଇ ଜାତୀୟ ଚୟନ କମିଟି ସହ ମିଶି ନେଇଥାଏ।

ଏ+ ଓ ଏ ଗ୍ରୁପରେ ରହୁଥିବା ଖେଳାଳିମାନେ ସବୁ ଫର୍ମାଟର ସକ୍ରିୟ ସଦସ୍ୟ ଥିବେ କିମ୍ବା ଟେଷ୍ଟ ସହ ସୀମିତ ଓଭରର ଗୋଟିଏ ଫର୍ମାଟରେ ନିୟମିତ ଖେଳୁଥିବେ। ଗ୍ରୁପ ବି'ରେ ସ୍ଥାନ ପାଉଥିବା ଖେଳାଳି ଅତିକମରେ ୨ଟି ଫର୍ମାଟ ଖେଳୁଥିବା ଦରକାର। ସେହିପରି ଗ୍ରୁପ ସି'ର ଖେଳାଳି ସାଧାଣତଃ ଗୋଟିଏ ଫର୍ମାଟରେ ଖେଳି ଥାଆନ୍ତି।

## ବରୁଣ ଆମ ପାଇଁ ବଡ଼ ବିପଦ ସାଜିପାରନ୍ତି : ନ୍ୟୁଜିଲାଣ୍ଡ କୋଚ୍

**ଦୁବାଇ**

ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ କୋଚ୍ ଗ୍ୟାରୀ ଷ୍ଟିଡ୍‌ଙ୍କ ମତରେ ଆସନ୍ତା ରବିବାର ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ବରୁଣ ଚକ୍ରବର୍ତ୍ତୀ ବଡ଼ ବିପଦ ହୋଇପାରନ୍ତି। ଏଥିଯୋଗୁ ନ୍ୟୁଜିଲାଣ୍ଡ ଦଳ ଭାରତୀୟ ମିଷ୍ଟ୍ରୀ ସ୍ପିନରଙ୍କ ମୁକାବିଲା କରିବା ପାଇଁ ବାଟ ଖୋଜୁଛି। ବିପକ୍ଷ ଲିଗ୍ ମ୍ୟାଚ୍‌ରେ ବରୁଣ ୪୨ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଏଥିଯୋଗୁ ଫାଇନାଲରେ ତାଙ୍କର ଖେଳିବା ନିଶ୍ଚିତ। ସେ ଜଣେ ଭଲ ବୋଲର ଏବଂ ଗତଥର ଆମ ବିପକ୍ଷରେ ତାଙ୍କ ଦକ୍ଷତା ପ୍ରଦର୍ଶିତ କରିଥିଲେ। ସେ ମ୍ୟାଚ୍‌ରେ ଆମ ପାଇଁ ବଡ଼ ବିପଦ ସାଜିପାରନ୍ତି। ଏଣୁ ତାଙ୍କ ପ୍ରଭାବକୁ କେଉଁଭଳି ସୀମିତ ଏବଂ ତାଙ୍କ ବିପକ୍ଷରେ କେଉଁଭଳି ରନ କରିପାରିବୁ, ସେ ସମ୍ପର୍କରେ ଆମେ ଚିନ୍ତା କରୁଛୁ ବୋଲି ଷ୍ଟିଡ୍ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ଧାମନଗରରେ ହେବ ଦୁଃସାହସିକ କ୍ରୀଡ଼ାବିତ୍ ଚୟନ ଶିବିର

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ସାରା ରାଜ୍ୟରେ ଧାମନଗରକୁ ପରିଚିତ କରାଇବା ଲକ୍ଷ୍ୟ ନେଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଉ ଏକ ପଦକ୍ଷେପ ନେଇଛନ୍ତି। ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତର କଣ୍ଟାପାରୀଠାରେ ମାର୍ଚ୍ଚ ୮ରୁ ଏକ ସପ୍ତାହ ପର୍ଯ୍ୟନ୍ତ ଦୁଃସାହସିକ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଆୟୋଜନ ହେଉଅଛି। ସ୍କୁବା ଡାଇଭିଂ, ୱିଣ୍ଡ ସର୍ଫିଂ, କାଇଟ୍ ସର୍ଫିଂ, ସେଲିଂ ଓ ସ୍ନରକେଲିଂ ଭଳି କ୍ରୀଡ଼ାର ପ୍ରଶିକ୍ଷଣ ଶିବିର ହେଉଅଛି। ଏହିସବୁ ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପିଲାମାନେ ଏହି ଶିବିରରୁ ତାଲିମ ନେଇପାରିବେ। ପ୍ରଥମ ପର୍ଯ୍ୟାୟରେ ଏହା ୭ ଦିନ ପାଇଁ କରାଯିବ। ଏହି ଶିବିରରୁ ମନୋନୀତ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟସ୍ତରରେ ତାଲିମ ଦେବାକୁ ବ୍ୟବସ୍ଥା କରାଯିବ।

ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗରେ ଓଡ଼ିଶା ୟାଚିଂ ଆସୋସିଏସନ ଏହି ଶିବିର ଆୟୋଜନ କରୁଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୁଃସାହସିକ କ୍ରୀଡ଼ାରେ ପ୍ରତିଷ୍ଠା ଅର୍ଜନ କରିଥିବା ଖେଳାଳି ଓ କୋଚ୍ ୭ ଦିନ ପାଇଁ ଏଠାରେ ରହି ଇଚ୍ଛୁକ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ। ଏଥିଲାଗି ଇଚ୍ଛୁକ ପିଲାମାନେ କଣ୍ଟାପାରି ବରଗଛ ପାଖ ପଡ଼ିଆରେ ପହଞ୍ଚି ନିଜର ଆଧାର କାର୍ଡ ପ୍ରଦାନ କରି ରେଜିଷ୍ଟ୍ରେସନ କରିପାରିବେ। ରେଜିଷ୍ଟ୍ରସନ କରିଥିବା ପିଲାଙ୍କୁ ସେମାନଙ୍କ ଚୟନ ଅନୁସାରେ ସଂପୃକ୍ତ କ୍ରୀଡ଼ାର କୋଚ୍ ତାଲିମ ଦେବେ। ସାତ ଦିନ ଧରି ତାଲିମ ନେବା ପରେ ନିଜ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପିଲାଙ୍କୁ ରାଜ୍ୟସ୍ତରରେ ତାଲିମ ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ଅଲ ଇଣ୍ଡିଆ ରେଲୱେ ଟି-୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନସିପ୍

# ପଶ୍ଚିମ ମଧ୍ୟ ରେଲୱେ ଓ ମେଟ୍ରୋ ରେଲୱେର ବିଜୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ପ୍ରଥମ ଲିଗ୍ ମ୍ୟାଚ୍ ପୂର୍ବତଟ ରେଲୱେ ଓ ପଶ୍ଚିମ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ପଶ୍ଚିମ ମଧ୍ୟ ରେଲୱେ ଏହି ମ୍ୟାଚ୍‌କୁ ୧୦ ୱିକେଟ୍‌ରେ ଜିତି ଥିଲା। ପଶ୍ଚିମ ମଧ୍ୟ ରେଲୱେର ବ୍ରିଜେଶ ପଟେଲ୍ ୭୦ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଥିଲେ। ସିନିୟର୍ ଡିଏମ୍‌ଏମ୍, ଖୋର୍ଦ୍ଧା ରୋଡ୍, ଯାଭେଦ ଖାନ୍, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ।

ସ୍କୋର : ପୂର୍ବ ତଟ ରେଲୱେ – ୧୩୯/୮ (୨୦ ଓଭର୍)। ପଶ୍ଚିମ ମଧ୍ୟ ରେଲୱେ-୧୪୩/୦ (୧୮.୫ ଓଭର୍)।




ଦ୍ୱିତୀୟ ଲିଗ୍ ମ୍ୟାଚ୍ ପୂର୍ବ ରେଲୱେ ଓ ମେଟ୍ରୋ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ମେଟ୍ରୋ ରେଲୱେ ୭ ୱିକେଟ୍‌ରେ ଜିତିଥିଲା। ମେଟ୍ରୋ ରେଲୱେର, ବିବେକ ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଥିଲେ। ହରଦମନ୍ ସିଂ, ଓ.ଏସ୍.ଲ୍ କମ୍ପାନୀର ଅଧିକାରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ।

ସ୍କୋର : ପୂର୍ବ ରେଲୱେ – ୧୪୭/୭ (୨୦ ଓଭର୍)। ମେଟ୍ରୋ ରେଲୱେ-୧୫୦/୩ (୧୬.୪ ଓଭର୍)।

ଶନିବାର ଦିନ ପୂର୍ବତଟ ରେଲୱେ ଓ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏବଂ ଉତ୍ତର ମଧ୍ୟ ରେଲୱେ ଓ ପଶ୍ଚିମ ମଧ୍ୟ ରେଲୱେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ କ୍ରୀଡ଼ା ସଚିବ ଏମ୍ ଜାକିରୁଦ୍ଦିନ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ କରାଯାଉଛି।

## ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ ଦ୍ୱାରା 'ଅନ୍ତର୍ଜାତୀୟ ମହିଳା ଦିବସ' ପାଳିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମାଜରେ ପ୍ରତିଦିନ ମହିଳାମାନେ ଯେଉଁ ଅମୂଲ୍ୟ ଅବଦାନ ଦିଅନ୍ତି, ତାହାକୁ ସ୍ୱୀକୃତି ଦେବା ପାଇଁ ଏବଂ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ମହିଳାଙ୍କ ପ୍ରଗତି, ସମର୍ଥନ ଏବଂ ଉତ୍ଥାନକୁ ପାଳନ କରିବା ଲକ୍ଷ୍ୟରେ, ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ ଦ୍ୱାରା ଟ୍ରାଫିକ୍ କଲୋନୀସ୍ଥିତ ନ୍ୟୁ ଅଫିସର୍ସ କ୍ଲବରେ 'ଆନ୍ତର୍ଜାତୀୟ ମହିଳା ଦିବସ' ପାଳନ କରାଯାଇଛି। ଏହି ଅବସରରେ, ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର୍ ସିମ୍ରନ୍ କୌରଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୨୮ ଜଣ ମହିଳା କର୍ମଚାରୀଙ୍କୁ ସେମାନଙ୍କର ସଚ୍ଚୋଟତା ଏବଂ କଠିନ ପରିଶ୍ରମ ପାଇଁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଗୁର୍ ସିମ୍ରନ୍ କୌର, ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ ମହିଳା କର୍ମଚାରୀଙ୍କୁ ସେମାନଙ୍କର କଠିନ ପରିଶ୍ରମ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ, ମହିଳାମାନେ ସମାଜର ମେରୁଦଣ୍ଡ। ମହିଳା ସଶକ୍ତିକରଣ ସମାଜକୁ ସଶକ୍ତ କରିବ।

ସେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ମହିଳା କର୍ମଚାରୀଙ୍କ ସହ ସେମାନଙ୍କ ଅଭିଜ୍ଞତା ବିଷୟରେ କଥାବାର୍ତ୍ତା କରିଥିଲେ ଏବଂ ନିଶ୍ଚିତ କରିଥିଲେ ଯେ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ସେମାନଙ୍କ କର୍ମକ୍ଷେତ୍ରକୁ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ଆରାମଦାୟକ କରି ମହିଳା କର୍ମଚାରୀଙ୍କ କଲ୍ୟାଣ ପାଇଁ ସର୍ବଦା ଆଗରେ ରହିବ।

ଏହି ଅବସରରେ ମହିଳା କର୍ମଚାରୀଙ୍କ ପାଇଁ ବିଭିନ୍ନ ଖେଳର ଆୟୋଜନ କରାଯାଇଥିଲା। ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ୍‌ର ସଚିବ ପ୍ରିୟଙ୍କା ନାଗୱାନି ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ, ମହିଳା କଲ୍ୟାଣ ସଂଗଠନର କୋଷାଧକ୍ଷ, ନେହା ଦେବାଙ୍ଗନ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଲାହୋରରେ ଭଗବାନ ରାମଙ୍କ ପୁତ୍ର ଲବଙ୍କ ସମାଧିରେ ପ୍ରାର୍ଥନା କଲେ ରାଜୀବ ଶୁକ୍ଳା

**ନୂଆଦିଲ୍ଲୀ**

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା, ଯିଏ ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ପାକିସ୍ତାନ ଗସ୍ତରେ ଅଛନ୍ତି। ଏହି ସମୟରେ ସେ ଲାହୋରର ଏକ ପ୍ରାଚୀନ ଦୁର୍ଗ ପରିଦର୍ଶନ କରିଥିଲେ, ଯେଉଁଠାରେ ଭଗବାନ ରାମଙ୍କ ପୁତ୍ର ଲବଙ୍କ ଏକ ପ୍ରାଚୀନ ସମାଧି ଅଛି।

ସୋସିଆଲ ମିଡିଆରେ ତାଙ୍କ ଗସ୍ତର ଫଟୋ ସେୟାର କରି ରାଜୀବ ଶୁକ୍ଳା କହିଛନ୍ତି, 'ଲାହୋର' ନାମ ମଧ୍ୟ ତାଙ୍କ (ଲବ)ରୁ ଆସିଛି। ମୋତେ ସେଠାରେ ପ୍ରାର୍ଥନା କରିବାର ସୁଯୋଗ ମିଳିଥିଲା। ମୋ ସହିତ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ଥିଲେ, ଯିଏ ଏହି ସମାଧିର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ମୋହସିନ ତାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ।"

ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି, 'ଲାହୋରର ପୌର ରେକର୍ଡ ଅନୁଯାୟୀ ଏହି ସହର ପ୍ରଭୁ ରାମଙ୍କ



ପୁଅ ଲବଙ୍କ ନାମରେ ପ୍ରତିଷ୍ଠିତ ହୋଇଥିଲା, ଯେତେବେଳେ କସୁର ସହର ତାଙ୍କ ଅନ୍ୟ ପୁଅ କୁଶଙ୍କ ନାମରେ ନାମିତ ହୋଇଥିଲା।' 'ପାକିସ୍ତାନ ସରକାର ମଧ୍ୟ ଏହି ସତ୍ୟକୁ ସ୍ୱୀକାର କରନ୍ତି,' ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି। ଶୁକ୍ଳା କହିଥିଲେ ଯେ ଏହା 'ଅତ୍ୟନ୍ତ ସ୍ୱଷ୍ଟ ଏବଂ ସ୍ୱଷ୍ଟ' ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ପୁନଃଆରମ୍ଭ ଭାରତ ସରକାରଙ୍କ ଅନୁମତି ଉପରେ ନିର୍ଭର କରେ। ପାକିସ୍ତାନରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶୁକ୍ଳା ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶର (ଭାରତ ଏବଂ ପାକିସ୍ତାନ) ପ୍ରଶଂସକମାନେ ପରସ୍ପରର ମାଟିରେ ଦ୍ୱିପାକ୍ଷିକ ମ୍ୟାଚ୍ ଖେଳିବାକୁ ଚାହାଁନ୍ତି, ଏକ ନିରପେକ୍ଷ ସ୍ଥାନରେ ନୁହେଁ।

"ଆମେ (ବିସିସିଆଇ) ସରକାରଙ୍କ ସମ୍ମୁଖରେ ଆମର ମତ ରଖୁ କିନ୍ତୁ ସେମାନେ ବିଚାର ବିମର୍ଶ ପରେ ନିଷ୍ପତ୍ତି ନିଅନ୍ତି। ଯେତେବେଳେ ସରକାର ନିଷ୍ପତ୍ତି ନିଅନ୍ତି, ଏହା ଅନେକ ଦିଗ ଉପରେ ବିଚାର କରିବା ପରେ ହୋଇଥାଏ। ଏହା ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାର," ସେ କହିଛନ୍ତି।

## ସୁଭଦ୍ରା ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୪ ଲକ୍ଷ ହିତାଧିକାରୀ ଉପକୃତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ୧କୋଟିରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ଯୋଜନାରେ ଉପକୃତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ୩ ଲକ୍ଷ ୬୭ ହଜାର ୯୬୫ ଜଣ ହିତାଧିକାରୀ ଉପକୃତ ହୋଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଗୁରୁବାର ପ୍ରଥମ ପର୍ଯ୍ୟାୟର ପଞ୍ଚମ କିସ୍ତି ସହାୟତା ରାଶି ଏହି ମହିଳାମାନଙ୍କୁ ପ୍ରଦାନ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଦ୍ୱାରା ମନୋନୀତ ହୋଇଥିବା ୨ଜଣ ହିତାଧିକାରୀ ହୀରା ପଣ୍ଡା ଓ ସଙ୍ଗିତା ବ୍ରହ୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମାଜ ସେବିକା ମିନତୀ ମହାରଣା, ସୁକାନ୍ତି ଲେଙ୍କା ଓ ଡିପିସି ମମତା ମନୋରଞ୍ଜନ ଦାସ, ଶୁଭେନ୍ଦୁ ଦାସ, ସୁଭଦ୍ରା ଟିଏସ୍‌ଏ ରଜନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଜୁବାବୁଙ୍କ ଅବଦାନକୁ କେହି ଭୁଲିପାରିବେନି'

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପ୍ରବାଦ ପୁରୁଷ ବିଜୁବାବୁଙ୍କର ୧୦୯ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ଓ ମେଡିକାଲ ଛକରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମ୍ୟୁନିସିପାଲିଟି ଟାଉନ ହଲ ଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଧିରେନ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏକ ସଭାରେ ସଭାପତିତ୍ୱ କରିଥିଲେ। ଉପସ୍ଥିତ ଥିବା ବକ୍ତାମାନେ ବିଜୁ ବାବୁଙ୍କ ଅବଦାନକୁ କେହି ଭୁଲି ପାରିବେ ନାହିଁ। ତାଙ୍କ ସମୟରେ ପାରାଦ୍ୱୀପ ବନ୍ଦର ଠାରୁ ଆରମ୍ଭ କରି ଏନଟିପିସି, ହାଲ, ଓୟୁଏଟି, ଏନଆଇଟି, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର



ମହିଳାମାନଙ୍କ ପାଇଁ ବିଜୁ ବାବୁ ଆରମ୍ଭ କରିଥିବା ସଂରକ୍ଷଣ ବ୍ୟବସ୍ଥା ଏବଂ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଅବଦାନକୁ କେହି ଭୁଲିପାରିବେ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଜୁବାବୁଙ୍କ ଜନ୍ମଦିବସକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରା ଯାଉଥିଲା। ରାଜ୍ୟ ସରକାର ବର୍ତ୍ତମାନ ପଞ୍ଚାୟତରାଜ ଦିବସକୁ ଏପ୍ରିଲ ୨୪କୁ ପରିବର୍ତ୍ତନ କରିଥିବାରୁ ଉପସ୍ଥିତ ଥିବା ବକ୍ତା ଏବଂ ବିଜୁପ୍ରେମୀମାନେ ଏହାର ତୀବ୍ର ନିନ୍ଦା କରିଛନ୍ତି। ସ୍ୱର୍ଗତ ପଟ୍ଟନାୟକ ପଞ୍ଚାୟତିରାଜ ଦିବସକୁ ଓଡ଼ିଶାରେ କାର୍ଯ୍ୟକାରୀ କରିଥିବାରୁ ତାଙ୍କ ଅବଦାନକୁ ସଂପୂର୍ଣ୍ଣ ରାଜନୈତିକ ଚିନ୍ତାଧାରା ଦ୍ୱାରା ପରିବର୍ତ୍ତନ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଆୟୋଜିତ ସଭାରେ ବକ୍ତାମାନେ ପ୍ରତିକ୍ରିୟା ରଖିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଶିବ ପ୍ରସାଦ ଭୋଳ, ନିର୍ମଳା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ହିବଜୁବୁର ରହେମାନ, ପ୍ରଦ୍ୟୁମ୍ନ ଜେନା, ହିରଣ୍ୟ କୁମାର ପଣ୍ଡା, ଜିଲ୍ଲା ମହିଳା ସଭାପତି ରୋସନା ସାହୁ, ଆକବରୀ ଖାତୁନ, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଡିଙ୍କ ସହ ଜିଲ୍ଲାର ବହୁ ବିଶିଷ୍ଟ ମାନ୍ୟବର୍ଣ୍ୟ ବ୍ୟକ୍ତି, ଆଇନଜୀବି, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ନଗର ସଭାପତି ଯଜାତି କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ଧଳଙ୍କ ଏକାଦଶାହ ସ୍ମୃତିଚାରଣ ସଭା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକର ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଧଳଙ୍କର ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲାର ଅଣ୍ଡିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସାନ୍ଧ୍ୟର ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଧଳଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଭଳି ଜଣେ ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ କେବଳ ସ୍ଥାନୀୟ ଅଞ୍ଚଳ ନୁହେଁ, ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ଦର୍ଶାଇ ସେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ



ସଂଗଠନ 'ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ'ର ଜଣେ ଆଜୀବନ ସଦସ୍ୟ ତଥା କୋଷାଧ୍ୟକ୍ଷ ଥାଇ ଯେଉଁସବୁ ସମାଜସେବା କରିଥିଲେ, ତାହା ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅରୁଣ କୁମାର ଲେଙ୍କା, ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଧଳ, ଶିକ୍ଷାବିତ୍ ବସନ୍ତ ଦାସ, ଶିକ୍ଷାବିତ୍ ଧର୍ମେନ୍ଦ୍ର ନାରାୟଣ ଜେନା, ଦେବେନ୍ଦ୍ର ଧଳ, ସନ୍ତୋଷ ମଲ୍ଲିକ, ସାମ୍ବାଦିକ ସମ୍ବିତ ନାୟକ, ସଂଜୀବ ନାୟକ, ସୁଜୟ ପାକଳ, ଅକ୍ଷୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଧଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାକୁ ସ୍ୱର୍ଗତଃ ଧଳଙ୍କ କନିଷ୍ଠ ଭ୍ରାତା ସଂଜୀବ ଧଳ, ଲଲାଟେନ୍ଦୁ ଧଳ, ଉତରରାୟ ସତ୍ୟରଞ୍ଜନ ଓ ଏକମାତ୍ର ପୁତ୍ର ସୁଜିତ କୁମାର ଧଳ ପରିଚାଳନା କରିଥିଲେ।

# ଲୋକକଳା ଓ ଲୋକ ସଂସ୍କୃତି ମାଟିରେ କଳାକାର ଉପେକ୍ଷିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଲୋକକଳା ଓ ଲୋକ ସଂସ୍କୃତିର ମାଟିରେ କଳାକର ଉପେକ୍ଷିତ। ପରିବର୍ତ୍ତନର ପଶ୍ଚାତାପରେ ଦୁର୍ଦ୍ଦଶା ଜଟିଳ ହେବାରେ ଲାଗିଛି। ବନ୍ଦ ହେଉଛି ରୋଜଗାର ମାଧ୍ୟମ। ଆଗଭଳି ଆଉ ମିଳୁନି ମଞ୍ଚ। ଏବେ ଅନିଶ୍ଚିତା ଓ ଅବଦମିତ ଅବସ୍ଥାରେ କଳାକାର। ସରକାର ପରିବର୍ତ୍ତନ ହେବା ପରେ ସରକାରୀ କାର୍ଯ୍ୟକ୍ରମରେ କଳାକାର ସଂଗୋଷ୍ଠୀଙ୍କୁ ମଞ୍ଚ ମିଳିବା କଷ୍ଟକର ହୋଇଥିବା ବେଳେ କଳାକାର ଭତ୍ତା ଲାଗି ନୂତନ ଭାବେ ଆବେଦନ କରିଥିବା ଆବେଦନକାରୀଙ୍କ ଫର୍ମ ଏଯାବତ୍ ସରକାରୀ ସ୍ତରରେ ଗ୍ରହଣୀୟ ହୋଇଛି ନାହିଁ ସେନେଇ ଅନିଶ୍ଚିତତା ଦେଖା ଦେଇଛି। ପୂର୍ବ ସରକାର କଳାକାର ମାନଙ୍କ ଲାଗି ତାଲିମ୍ ସଚେତନ କାର୍ଯ୍ୟକ୍ରମ ଲାଗି ଆର୍ଥିକ ସହାୟତାର ବ୍ୟବସ୍ଥା ରହିଥିଲା। ନୂତନ କଳାକାରଙ୍କୁ ପ୍ରୋତ୍ସାହନ ଲାଗି ପନ୍ଥା ମଧ୍ୟ ଆପଣାଯାଇଥିଲା। ସମ୍ପ୍ରତି କଳାକାର ମାନେ ଉପେକ୍ଷା ହୋଇଥିବା ଅନୁଭବ କଲେଣି। କେହି ମୁହଁ ଖୋଲି ନ ପାରିଲେ ବି ମନ ଭିତରେ ଅସନ୍ତୋଷ ଭରି ରହିଛି। ହାତଗଣତି କେତେକ ଦଳକୁ ଡାକି କାର୍ଯ୍ୟକ୍ରମ ଦେଉଛନ୍ତି। ଫଳରେ ହଜାର ହଜାର ସଂଖ୍ୟାରେ ନୃତ୍ୟ ଦଳ ଓ ଲକ୍ଷାଧିକ କଳାକାର ନିରୁପାୟ। ଏ ଦିଗରେ କଳାକାରଙ୍କୁ ଆଶ୍ୱାସନା କି ଅନୁକମ୍ପା ମଧ୍ୟ ନଥିବା କଳାକାରମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ସଂସ୍କୃତି ବିଭାଗ କିମ୍ବା କଳାକାରମାନେ ଅଛନ୍ତି ସେମାନଙ୍କ ଲାଗି କିଛି କରିବା ଦିଗରେ ସରକାର କ'ଣ କରୁଛନ୍ତି ବୋଲି କିଛି ବରିଷ୍ଠ କଳାକାର ପ୍ରଶ୍ନ କରୁଛନ୍ତି। ଏଭଳି ସ୍ଥିତାବସ୍ଥା ଜାରି ରହିଲେ କଳାକାରମାନେ ମୁଖ୍ୟସ୍ରୋତରୁ ଦୂରେଇ ଯିବେ ନିଶ୍ଚୟ। ଅନ୍ୟପକ୍ଷରେ କିଛି ଲୋକକଳା ଥିବା ପ୍ରୋତ୍ସାହନ ମାଧ୍ୟମରେ ସେଗୁଡ଼ିକୁ ଉଜ୍ଜୀବୀତ କରାଯାଇଥିଲା। ସରକାରୀ କାର୍ଯ୍ୟକ୍ରମ ପାଇ ଆଗ୍ରହ ପ୍ରକାଶ କରୁଥିଲେ। ତାହା ବନ୍ଦ ହେବାରୁ ଉତ୍ସାହ କମିଯାଇଛି। ବିଭିନ୍ନ କଳାକାରଙ୍କୁ ଡାକି ଉପଦେଶ ଦେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ହୋଇଛି। କଳାକାର ସଂଘ ମଧ୍ୟ ବ୍ଲକ୍‌ରୁ ଜିଲ୍ଲା ପର୍ଯ୍ୟନ୍ତ ଗଠିତ ହୋଇଥିବା ବେଳେ ନୂତନ ସରକାର ଆସିବା ପରେ ବୈଠକଟିଏ ମଧ୍ୟ ହୋଇନଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଅପରପକ୍ଷେ ଗଞ୍ଜାମ ଜିଲ୍ଲାର ୯ହଜାର କଳାକାର ରହିଛନ୍ତି। ତନ୍ମଧ୍ୟରୁ ପୂର୍ବ ସରକାର ଅମଳରେ ୫୧୦୪ ଜଣ କଳାକାର ଭତ୍ତା ପାଉଛନ୍ତି। ନୂଆ ସରକାର ଅମଳରେ ଜିଲ୍ଲାରେ ୪୫୭୭ଟି କଳାକାର ଭତ୍ତା ଆବେଦନ ପଡ଼ି ରହିଛି। ଏ ଦିଗରେ ସରକାର କ'ଣ ତର୍ଜମା କରୁଛନ୍ତି ସେ ନେଇ କେହି କିଛି ଜାଣିନାହାନ୍ତି। ଗତ ସରକାର ସମୟରେ ବିଭିନ୍ନ କଳାକାର ସଂଗୋଷ୍ଠୀ ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ କିଛି ପ୍ରାପ୍ୟ ପାଉଥିଲେ। ଏବେ ନୂଆ ସରକାର ଆସିବା ପରେ ନୂତନ ଯୋଜନା ବି ହୋଇଛି। କିନ୍ତୁ ଏଗୁଡ଼ିକର ପ୍ରଚାର ପ୍ରସାର ଲାଗି ଲୋକକଳା ଆଦିକୁ ଏତେଟା ଗୁରୁତ୍ୱ ଦିଆଯାଇନଥିବା ଦେଖିବାକୁ ମିଳିଛି। ସେପଟେ ବ୍ଲକସ୍ତରରୁ ବ୍ଲକ୍ କଳା ସାଂସ୍କୃତିକ ସଂଘ ସମେତ ଜିଲ୍ଲା ସ୍ତରରେ ମଧ୍ୟ ସଂଘ ଗଠିତ ହୋଇଛି। କିନ୍ତୁ କଳାକାରଙ୍କୁ ପ୍ରୋତ୍ସାହନ ଓ ଲୋକକଳାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଏତେଟା ହେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଲୋକକଳା ଓ ଅନ୍ୟାନ୍ୟ ସାଂସ୍କୃତିକ ଭିତ୍ତିଭୂମି କିଭଳି ସୁଦୃଢ଼ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଆଗାମୀ ଦିନରେ ଏ ଦିଗରେ ଯଦି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଲୋକକଳା ଓ ନୂତନ କଳାକାର ସୃଷ୍ଟି ହେବାରେ ବ୍ୟାଘାତ ନିଶ୍ଚୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଭୁବନେଶ୍ୱର
୦୮ ମାର୍ଚ୍ଚ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## କିଟ୍ କ୍ୟାମ୍ପସ୍‌କୁ ଫେରିଲେ ନେପାଳୀ ଛାତ୍ରଛାତ୍ରୀ




**ଭୁବନେଶ୍ୱର, ୭।୩ ନ୍ୟୁଜ ବ୍ୟୁରୋ**
କିଟ୍ କ୍ୟାମ୍ପସରେ ସ୍ୱାଭାବିକତା ସୁନିଶ୍ଚିତ କରିବା ଦିଗରେ କିଟ୍ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଫଳରେ ଏବେ ନେପାଳୀ ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍‌କୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦୦୦ ଛାତ୍ରଛାତ୍ରୀ ହଷ୍ଟେଲ୍‌କୁ ଫେରିସାରିଲେଣି। ୧୧୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବାକି ୧୦୦ ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍‌କୁ ଫେରୁଛନ୍ତି। ନେପାଳୀ ଛାତ୍ରଛାତ୍ରୀଙ୍କୁ ପୁନର୍ବାର କ୍ୟାମ୍ପସ୍‌କୁ ଫେରାଇ ଆଣିବା ଦିଗରେ ଓଡ଼ିଶା ସରକାର, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଓ ନେପାଳ ସରକାରଙ୍କ ସହଯୋଗ ପାଇଁ କିଟ୍ କର୍ତ୍ତୃପକ୍ଷ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନେପାଳୀ ଛାତ୍ରଛାତ୍ରୀ କ୍ୟାମ୍ପସ୍‌ରେ ପହଞ୍ଚିବା ପରେ ସେମାନଙ୍କ ସୁରକ୍ଷା ସହ ନିରବଚ୍ଛିନ୍ନ ଶୈକ୍ଷିକ କାର୍ଯ୍ୟକଳାପ ପାଇଁ କିଟ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ନେପାଳୀ ଛାତ୍ରଛାତ୍ରୀମାନେ ପୁଣି ଥରେ କ୍ଲାସ ଆରମ୍ଭ କରିଛନ୍ତି ଏବଂ ଶୈକ୍ଷିକ କାର୍ଯ୍ୟସୂଚୀରେ ସାମିଲ ହୋଇଛନ୍ତି। ନିୟମିତ କ୍ଲାସଗୁଡ଼ିକ ବିନା କୌଣସି ବାଧାରେ ଜାରି ରହିଛି ଏବଂ ଛାତ୍ରଛାତ୍ରୀମାନେ ପୂର୍ବପରି ସେମାନଙ୍କର ପାଠ୍ୟକ୍ରମ ଏବଂ କ୍ୟାମ୍ପସ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ ରଖିଛନ୍ତି। ନେପାଳୀ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସକୁ ଫେରାଇ ଆଣିବା ପାଇଁ କିଟ୍ କର୍ତ୍ତୃପକ୍ଷ ନେପାଳ ଦୂତାବାସ, ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ସହ ଲଗାତାର ପରାମର୍ଶ କରି ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ୍‌ରେ ସମସ୍ତ ପ୍ରକାର ସୁରକ୍ଷା ସହ ସହଯୋଗ ଯୋଗାଇ ଦିଆଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରଛାତ୍ରୀଙ୍କର ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଛି।

## ୯ରେ ବଡ଼ଦେଉଳରେ ଫଗୁ ଦଶମୀ, ଆରମ୍ଭ ହେବ ମହାପ୍ରଭୁଙ୍କ ଦୋଳ ମହୋତ୍ସବ



**ପୁରୀ,୦୭/୦୩ ନ୍ୟୁଜ ବ୍ୟୁରୋ**
ରବିବାର ବଡ଼ଦେଉଳରେ ଫଗୁ ଦଶମୀ। ସେହି ଦିନଠାରୁ ଆରମ୍ଭ ମହାପ୍ରଭୁଙ୍କ ଦୋଳ ମହୋତ୍ସବ। ଠାକୁରଙ୍କ ଚାଚେରୀ ବେଶ ଓ ଚାଚେରୀ ଭୋଗ ଅନୁଷ୍ଠିତ ହେବ। ଦାରୁଦିଅଁମାନେ ଲାଲ୍ ବସ୍ତ୍ର ପରିଧାନ କରି ବହୁମୂଲ୍ୟ ଅଳଙ୍କାରରେ ଭୂଷିତ ହେବେ। ଏଥିସହ ଠାକୁର ଠାକୁରାଣୀଙ୍କୁ ଝିମିରି ଫଗୁ ଲାଗି କରାଯିବ। ଏହି ଅବସରରେ ଜଗନ୍ନାଥବଲ୍ଲଭ ମଠରେ ବିଜେ ହେବେ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ। ସେଠାରେ ଦୋଳସୋବ ନୀତି ପାଳନ ହେବ। ଅବିର ରଙ୍ଗରେ ଏକାକାର ହେବେ ଭଗବାନ ଓ ଭକ୍ତ। ଫଗୁଦଶମୀରେ ବିମାନବଡ଼ୁ ସେବକମାନେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ନେଇ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ ବଲ୍ଲଭ ମଠରେ ବିଜେ ହେବେ। ଦଶମୀ ତିଥିଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଚାଚେରୀ ବେଶ ଓ ଭୋଗ, ଫଗୁ ଅଞ୍ଜଳି ପ୍ରଦାନ ଓ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା ବିଧି ଅନୁଷ୍ଠିତ ହୋଇଥାଏ। ସିନ୍ଦୁର, ମୁଥା, ଅଙ୍କରାନ୍ତି, ଶତାବରୀ, ପାଲୁଅର ସମ୍ମିଶ୍ରଣରେ ଠାକୁରଙ୍କ ଝିମିରି ଫଗୁ ପ୍ରସ୍ତୁତ ହୋଇଥାଏ। ନୀଳାଦ୍ରି ମହୋଦୟରେ ଏହି ପର୍ବକୁ 'ବସନ୍ତ ଗୁଣ୍ଡିଚା'ର ଆଖ୍ୟା ଦିଆଯାଇଛି।

## ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ଆରମ୍ଭ

ପ୍ରୟାଗରାଜ ମହାକୁମ୍ଭକୁ ସଫଳତାର ସହ ପରିଚାଳନା କରି ପ୍ରଶଂସା ସାଉଣ୍ଟିଛନ୍ତି ଉତ୍ତରପ୍ରଦେଶ ସରକାର। ସନାତନର ଆଉ ଏକ ମହାପର୍ବ ପୁରୀ ରଥଯାତ୍ରାରେ ବି ସେହି ରଣନୀତି ଆପଣାଇବାକୁ ଯୋଜନା କରିଛି ଶ୍ରୀମନ୍ଦିର ପ୍ରଶାସନ। ରଥଯାତ୍ରାକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ସୁଖଦ ଅନୁଭୂତି ଦେବାଲାଗି ଏବେଠାରୁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର। ଜୁନ ୨୭ରେ ଅନୁଷ୍ଠିତ ହେବ ଚଳିତ ବର୍ଷର ଘୋଷଯାତ୍ରା। ଏହାକୁ ନେଇ ଏବେଠାରୁ ତତ୍ପର ଶ୍ରୀମନ୍ଦିର ପ୍ରଶାସନ। ଏବର୍ଷ ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରସ୍ତୁତ ହୋଇଛି ଏକକ ଆପ୍। ଏହି ଆପ୍ ରେ ନିକଟସ୍ଥ ପାଣି ପଏଣ୍ଟ, ଲଷ୍ଟ ଆଣ୍ଡ ପାଉଣ୍ଡ ପଏଣ୍ଟ, ଫାଷ୍ଟ ଏଡ୍ ସେଣ୍ଟର୍ ଆଦି ଜରୁରୀ ସୂଚନା ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଚଳିତ ମାସ ଶେଷ ଆଡକୁ ଅନୁଷ୍ଠିତ ହେବ ପ୍ରଥମ ରଥଯାତ୍ରା ସମନ୍ୱୟ କମିଟି ବୈଠକ। ଏହା ପୂର୍ବରୁ ସମସ୍ତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ୫୦ ଲକ୍ଷ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ କୁମ୍ଭମେଳା ଭଳି ରଣନୀତି ଆପଣାଇବ ପ୍ରଶାସନ। ଏଆଇ ଟେକ୍ନୋଲୋଜି ସହ, ସିସିଟିଭି ସର୍ଭିଲାନସ ଉପରେ ରହିବ ଫୋକସ୍। ଏଆଇ ମାଧ୍ୟମରେ ହେବ ଟ୍ରାଫିକ ମନିଟରିଂ। ପାର୍କିଂ ଠାରୁ ରାସ୍ତାରେ ଭିଡ଼ ଯାଏ ସମସ୍ତ ସୂଚନା ଆଗୁଆ ପାଇବେ ଯାତ୍ରୀ। ସେପଟେ ଗତବର୍ଷର ଭୂଲ ସୁଧାରିବା ପାଇଁ ବିଭିନ୍ନ ନିଯୋଗ ପାଇଁ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥାବଳୀ। ରଥ ଉପରେ ସେଲ୍‌ଫି ଓ ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କୁ ଗିରଫ ପାଇଁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟ ବାଡଗ୍ରାହୀ। ଚଳିତ ବର୍ଷ ଏପ୍ରିଲ ୩୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ରଥକାଠ ଅନୁକୂଳ ହେବ, ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବା ବେଳେ ଶ୍ରୀଗୁଣ୍ଡିଚା ଜୁନ ୨୭ରେ ଅନୁଷ୍ଠିତ ହେବ। ସେହପିର ସନ୍ଧ୍ୟା ଦର୍ଶନ ଜୁଲାଇ ୪, ବାହୁଡ଼ା ଜୁଲାଇ ୫, ସୁନାବେଶ ଜୁଲାଇ ୬, ଅଧରପଣା ଜୁଲାଇ ୭ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବାର ଅଛି।

## ଉନ୍ନତ ହେବ ଧାରାବୀର ଦୃଶ୍ୟ : ପୁନଃବିକାଶ ପ୍ରକଳ୍ପ ଉପରେ ରୋକ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ

**ମୁମ୍ବାଇ,୦୭/୦୩**
ସୁପ୍ରିମକୋର୍ଟ ଧାରାବୀ ପୁନଃବିକାଶ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ମନା କରିଦେଇଛନ୍ତି। ଏଥି ସହିତ, ସେ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ମନା କରିଛନ୍ତି। ସୁପ୍ରିମକୋର୍ଟ ଆଦାନୀ ଗ୍ରୁପର ଦସ୍ତାବିଜକୁ ଗ୍ରହଣ କରି କହିଛନ୍ତି ଯେ ଧାରାବୀ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ବମ୍ବେ ହାଇକୋର୍ଟଙ୍କ ସେହି ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟ ଆବେଦନର ଶୁଣାଣି କରିଥିଲେ, ଯେଉଁଥିରେ ସେକଲିଙ୍କ୍ ଟେକ୍ନୋଲୋଜି କର୍ପୋରେସନ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରାଯାଇଥିଲା। ଏହି ଆବେଦନରେ, ରାଜ୍ୟ ସରକାରଙ୍କ ଧାରାବୀ ପୁନଃବିକାଶକୁ ଆଦାନୀ ପ୍ରପର୍ଟିଜ୍ ଲିମିଟେଡକୁ ଦେବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ମାମଲାର ଶୁଣାଣି ମେ ୨୦୨୫ ରେ ହେବ। ଏହାରି ଭିତରେ ଆବେଦନକାରୀ ବର୍ତ୍ତମାନ ପାଇଁ ସ୍ଥିତାବସ୍ଥା ବଜାୟ ରଖିବାକୁ ଦାବି କରିଥିଲେ, କିନ୍ତୁ ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଛନ୍ତି ଯେ ସେଠାରେ କାମ ଆରମ୍ଭ ହୋଇଛି ଏବଂ କିଛି ରେଳବାଇ କ୍ୱାର୍ଟର ମଧ୍ୟ ଭାଙ୍ଗି ଦିଆଯାଇଛି। ଅବଶ୍ୟ ଖଣ୍ଡପୀଠ କହିଛନ୍ତି ଯେ ଆଦାନୀ ଗ୍ରୁପ୍ ସମସ୍ତ ଦେୟ ଗୋଟିଏ ଏସ୍କ୍ରୋ ଆକାଉଣ୍ଟରୁ କରିବ। ସିଜେଆଇ ଜଷ୍ଟିସ ଖାନ୍ନା ମୌଖିକ ଭାବରେ କହିଥିଲେ ଯେ ଆମେ ହାଇକୋର୍ଟର ନିଷ୍ପତ୍ତି ସହିତ ସହମତ। ଆମକୁ ଏଥିପାଇଁ ଏପରି କରିବାକୁ ପଡ଼ିଲା, କାରଣ ଏଠାରେ ଏକ ରେଳ ଲାଇନ ମଧ୍ୟ ବିକଶିତ ହେବ ଏବଂ ଏହାକୁ ଚୁକ୍ତିନାମାରେ ସାମିଲ କରାଯିବ ବୋଲି ମନେ କରାଯାଇଥିଲା। ଏହାରି ଭିତରେ ଆଦାନୀ ଗ୍ରୁପ୍ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ କାମ ଆରମ୍ଭ ହୋଇସାରିଛି, କୋଟି କୋଟି ଟଙ୍କାର ମେସିନ୍ ଏବଂ ଉପକରଣ ଲଗାଯାଇସାରିଛି। ଏଠାରେ ପ୍ରାୟ ୨୦୦୦ ଲୋକ ନିଯୁକ୍ତି ପାଇଛନ୍ତି ଏବଂ ଏପରି ପଦକ୍ଷେପ ଅପୂରଣୀୟ କ୍ଷତି ଘଟାଇବ। ସୁପ୍ରିମକୋର୍ଟ ଏହି ଆବେଦନ ଉପରେ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏସିଆର ସବୁଠାରୁ ବଡ଼ ବସ୍ତି ଭାବରେ ଜଣାଶୁଣା ମୁମ୍ବାଇର ଧାରାବୀ ପୁନଃବିକାଶ ପ୍ରକଳ୍ପର କାମ ଦ୍ରୁତ ଗତିରେ ଚାଲିଛି। ଆଦାନୀ ଗ୍ରୁପର ଏହି ପ୍ରକଳ୍ପ ସମଗ୍ର ଧାରାବୀର ରୂପ ବଦଳାଇ ଦେବ। ଧାରାବୀ ପୁନଃବିକାଶ ପ୍ରକଳ୍ପ ୫୩,୦୦୦ ରୁ ଅଧିକ ଘର ଘର ବୁଲି ସର୍ଭେ ସମାପ୍ତ କରି ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଯାହା ମୁମ୍ବାଇ ବସ୍ତି ପୁନର୍ବାସ ପ୍ରାଧିକରଣ ଏସ୍‌ଆରଏ ଇତିହାସରେ ସର୍ବାଧିକ ଅଟେ।



## ପୋଲିସ ବ୍ୟବସ୍ଥାର ସଂସ୍କାର ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୦୭।୦୩:ନ୍ୟୁଜ୍‌ବ୍ୟୁରୋ**
ପୋଲିସ ଚାକିରିରେ ନିଜର ବ୍ୟକ୍ତିଗତ ଜୀବନରେ ଅନେକ ତ୍ୟାଗ ଦେବାକୁ ପଡିଥାଏ। ସାଧାରଣତଃ ଗରିବ, ମହିଳା ଏବଂ ପିଲାମାନଙ୍କର ସୁରକ୍ଷା ପୋଲିସ ଉପରେ ନିର୍ଭର କରେ। ୟୁନିଫର୍ମ ସର୍ଭିସ୍‌କୁ ଗର୍ବ ଏବଂ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆପଣମାନଙ୍କୁ ସଦା ସର୍ବଦା ପ୍ରସ୍ତୁତ ହେବାକୁ ପଡିବ ଓ ସାଧାରଣ ଲୋକମାନଙ୍କର ବିଶ୍ୱାସ ଭାଜନ ହେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀରେ ଅନୁଷ୍ଠିତ ୮ମ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୨ତମ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି। ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସ ଏକାଡ଼େମୀ ପଡିଆରେ ସମ୍ମିଳିତ ପାସିଙ୍ଗ ଆଉଟ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ୪ ଜଣ ଉପ-ଆରକ୍ଷୀ ଅଧିକ୍ଷକ ଓ ୧୭୧ ଜଣ ଆରକ୍ଷୀ ଉପ-ନିରୀକ୍ଷକ ଶିକ୍ଷାନବୀଶମାନଙ୍କ ମଧ୍ୟରୁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଶିକ୍ଷାନବୀଶମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ।



ଭୁବନେଶ୍ୱର : ରମଜାନର ପ୍ରଥମ ଶୁକ୍ରବାର ୟୁନିଟ୍-୪ ମସ୍‌ଜିଦ୍‌ରେ ନମାଜ ପାଠ କରିବା ଅବସରରେ ମୁସଲମାନ ଭାଇମାନେ। (ଫଟୋ : ସମ୍ବାଦ କଳିକା)

## ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର, ୦୭।୦୩ ନ୍ୟୁଜ୍‌ବ୍ୟୁରୋ**
ଆଗାମୀ ମାର୍ଚ୍ଚ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବାର୍ ଡ୍ୟାନ୍ସ ଉପରେ କଟକଣା ମାମଲା

## ଜବାବ ଦାଖଲ କରିପାରିଲେନି ସରକାର, ମାର୍ଚ୍ଚ ୨୦ରେ ପରବର୍ତ୍ତୀ ଶୁଣାଣି



**କଟକ,୦୭/୦୩ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ଅବକାରୀ (ସଂଶୋଧିତ) ଆଇନ-୨୦୨୪ ଆଧାରରେ ଭୁବନେଶ୍ୱରର ବିଭିନ୍ନ ଠିପିଖୋଲା ମଦ ବାର୍‌ରେ ଝିଅଙ୍କ ନାଚିବା (ବାର୍ ଡ୍ୟାନ୍ସ) ଉପରେ ଲଗାଯାଇଥିବା କଟକଣାକୁ ବିରୋଧ କରି ରୁଜୁ ମାମଲାରେ ଗୁରୁବାର ରାଜ୍ୟ ସରକାର ଜବାବ ଦାଖଲ କରିନପାରି ଅଦାଲତଙ୍କଠାରୁ ସମୟ ଲୋଡ଼ିଥିଲେ। ଏହାକୁ ଆବେଦନକାରୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ପରେ ଉଭୟ ପକ୍ଷଙ୍କ ସହମତିକ୍ରମେ ହାଇକୋର୍ଟ ମାମଲାର ଶୁଣାଣି ଆସନ୍ତା ୨୦ତାରିଖକୁ ଧାର୍ଯ୍ୟ କରିଛନ୍ତି। ସହମତି ଅନୁସାରେ ରାଜ୍ୟ ସରକାର ଆସନ୍ତା ୧୭ ତାରିଖ ସୁଦ୍ଧା ଜବାବ ଦାଖଲ କରିବେ। ୨୦ ତାରିଖ ପୂର୍ବରୁ ଏହି ଜବାବ ଉପରେ ଆବେଦନକାରୀ ପ୍ରତିଜବାବ ରଖିବେ। ଭୁବନେଶ୍ୱରର ହୋଟେଲ୍ ଏକାମ୍ର ଠିପିଖୋଲା ମଦ ବାର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ରାଜ୍ୟ ସରକାର ନିକଟରେ ରାଜ୍ୟ ଅବକାରୀ ନୀତିରେ ଏକ ସଂଶୋଧନ ଆଣି କୌଣସି ମଦ ବାର୍‌ରେ ୨୧ ବର୍ଷରୁ କମ୍ ବୟସର ଝିଅମାନେ ମ୍ୟୁଜିକାଲ ପ୍ରୋଗ୍ରାମ୍‌ରେ ଯୋଗଦେଇପାରିବେ ନାହିଁ। ଏପରିକି ବାର୍‌ରେ ଝିଅମାନଙ୍କ ନାଚିବା ଉପରେ ସ୍ପଷ୍ଟ ଭାବେ କଟକଣା ଜାରି କରାଯାଇଛି। ସେହିପରି ଯଦି କୌଣସି ବାର୍‌ରେ ୨୧ ବର୍ଷରୁ ଅଧିକ ବର୍ଷର ଝିଅ ମ୍ୟୁଜିକାଲ୍ କାର୍ଯ୍ୟକ୍ରମରେ ଭାଗନେବେ ସେଥିପାଇଁ ମଧ୍ୟ ପୁଲିସ୍ କମିଶନର କେତେକ ସର୍ତ୍ତାବଳୀ ଧାର୍ଯ୍ୟ କରିବେ ବୋଲି କୁହାଯାଇଥିଲା। ଏସବୁକୁ ବିରୋଧ କରି ବାର୍ ଡ୍ୟାନ୍ସ ଉପରେ କଟକଣା ମାମଲାରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ସଡ଼କ ସୁରକ୍ଷା ନିୟମ ଭାଙ୍ଗିଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**
ଲୋକସେବା ଭବନରେ ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତିଭୁଷଣ ଜେନାଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମନ୍ତ୍ରୀ ସଡ଼କ ସୁରକ୍ଷା ସଂପର୍କିତ ବିଭିନ୍ନ ବିଷୟକୁ ଅନୁଧ୍ୟାନ କରିବା ସହ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ କଡ଼ା ଦଣ୍ଡ ବିଧାନ ଓ ଜରିମାନା ଆଦାୟ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିନା ହେଲମେଟରେ ଗାଡି ଚାଳନା ଏବଂ ଓଭର ସ୍ପିଡ ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି ବୋଲି କହିଥିଲେ। ତେଣୁ ସିସିଟିଭି ନେଟୱାର୍କ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ବେଆଇନ ପାର୍କିଂ ହଟାଇବା ଏବଂ ଦୁର୍ଘଟଣାରେ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ଉପରେ ମତ ରଖିଥିଲେ। ସେହିଭଳି ଉନ୍ନୟନ କମିଶନର ଅନୁ ଗର୍ଗ ବ୍ଲାକ ସ୍ପଟ ଚିହ୍ନଟ ସହ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡିଚାଳନାରୁ କ୍ଷାନ୍ତ କରିବା, ଗ୍ରାମାଞ୍ଚଳରେ ସଡ଼କ ସଚେତନତା ସୃଷ୍ଟି ଓ ରୋଡ଼ ସେଫ୍‌ଟି ପଲିସି ଉପରେ ନିଜର ମତ ରଖିଥିଲେ।

### ତଳକୋର୍ଟ ଓକିଲଙ୍କ ପାଇଁ ଖୁସି ଖବର, ଏପ୍ରିଲ ୧ରୁ କାର୍ଯ୍ୟକାରୀ

## ଖରାଦିନେ ତଳ କୋର୍ଟରେ ଓକିଲମାନଙ୍କ କଳା କୋଟ୍ ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର, ୭/୩ ନ୍ୟୁଜ ବ୍ୟୁରୋ**
ଓକିଲଙ୍କ ପାଇଁ ଡ୍ରେସ୍ କୋଡ୍ କୋହଳ। ଖରାଦିନେ ଆଇନଜୀବୀଙ୍କ ପାଇଁ ବାଧ୍ୟତାମୂଳକ ହେବନି କଳା କୋଟ୍। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଅନ୍ୟ କୋର୍ଟମାନଙ୍କରେ ଚଳିତ ବର୍ଷ ଖରାଦିନେ ଆଇନଜୀବୀଙ୍କ ପାଇଁ କଳା କୋଟ୍ ଏବଂ ଗାଉନ ବାଧ୍ୟତାମୂଳକ ହେବନାହିଁ। ଏପ୍ରିଲ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଅଦାଲତରେ ମାମଲା ପରିଚାଳନା ବେଳେ ଆଇନଜୀବୀମାନେ ବିନା କଳା କୋଟ୍ ଓ ଗାଉନରେ ବି ମାମଲା ପରିଚାଳନା କରି ପାରିବେ। ଆଇନଜୀବୀମାନେ ଧଳା ସାର୍ଟ ସହିତ କଳା, ଧଳା ଷ୍ଟ୍ରାଇପଯୁକ୍ତ ବା ଧୂସର ପ୍ୟାଣ୍ଟ, ଟାଇ ବ୍ୟାଣ୍ଡ୍ ଓ କୋଲାର ପିନ୍ଧି ମାମଲା ପରିଚାଳନା କରି ପାରିବେ। ଦେଶରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କିଛି ମାସ ପାଇଁ କଳା କୋଟ୍ ବାଧ୍ୟତାମୂଳକ କରାନଯିବା ପ୍ରସଂଗରେ ବାର୍ କାଉନସିଲ ଅଫ ଇଣ୍ଡିଆ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଆଡଭୋକେଟ୍ସ ଆଇନ-୧୯୬୧ ଅନୁସାରେ କାର୍ଯ୍ୟରତ ଓକିଲଙ୍କ ପାଇଁ ଡ୍ରେସ କୋଡର ବ୍ୟବସ୍ଥା ରହିଛି। ଏପରିକି ପୁରୁଷ ଓକିଲ କେଉଁ ପ୍ରକାରର ଡ୍ରେସ ପିନ୍ଧିବେ ଓ ମହିଳା ଓକିଲ କେଉଁ ପ୍ରକାରର ଡ୍ରେସ୍ ପିନ୍ଧିବେ, ତାହା ନିର୍ଦ୍ଧାରିତ ହୋଇଛି। କିନ୍ତୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭାରତୀୟ ବାର୍ କାଉନସିଲ୍ ଏହି ଡ୍ରେସ କୋଡ୍ କୋହଳ କରିବା ପାଇଁ ପରାମର୍ଶ ଦେଇଛି। ଏହା ପରେ ବିଭିନ୍ନ ରାଜ୍ୟର ବାର୍ କାଉନସିଲ୍ ଏହି ପ୍ରସ୍ତାବକୁ ଗୃହୀତ କରି କାର୍ଯ୍ୟକାରୀ କରୁଛନ୍ତି। ଏପରିକି ମହାରାଷ୍ଟ୍ର ଓ ଗୋଆ ବାର୍ କାଉନସିଲ୍ ମାର୍ଚ୍ଚ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଏହି ଡ୍ରେସ କୋଡ କୋହଳ କରିଛି। ପୂର୍ବରୁ ମହାରାଷ୍ଟ୍ର ଓ ଗୋଆ ବାର୍ କାଉନସିଲ୍ ମେ' ଓ ଜୁନ୍ ମାସରେ ଡ୍ରେସ କୋଡ୍ କୋହଳ କରୁଥିଲା। ଏ ବର୍ଷ ଏହାକୁ ମାର୍ଚ୍ଚ ପର୍ଯ୍ୟନ୍ତ ବଢ଼ାଯାଇଛି। ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଖରାଦିନ ପାଇଁ ଓକିଲଙ୍କ ଡ୍ରେସ କୋଡ୍ କୋହଳ ହୋଇଛି।

## ବନ୍ଧା ହେଲେ କୋଟିପତି ପରିବହନ ଯୁଗ୍ମ କମିଶନର



**ଭୁବନେଶ୍ୱର ୦୭।୦୩ ନ୍ୟୁଜ ବ୍ୟୁରୋ**
ଗିରଫ ହେଲେ କୋଟିପତି ଯୁଗ୍ମ କମିଶନର। ଟ୍ରାନ୍ସପୋର୍ଟ ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ। ଗୁରୁବାର ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଟ୍ରାନ୍ସପୋର୍ଟ ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ଚଢଉ ହୋଇଥିଲା। ଏକାସାଙ୍ଗେ ୯ଟି ସ୍ଥାନରେ ରେଡ୍ କରିଥିଲା ଭିଜିଲାନ୍ସ। ପୈତୃକ ବାସଭବନ, ଅଫିସ ଆଦି ୯ଟି ସ୍ଥାନରେ ଚଢଉ ଜାରି ରଖିଥିଲା ଭିଜିଲାନ୍ସ। ତେବେ ଏହି ଚଢଉରେ ଭିଜିଲାନ୍ସକୁ ମିଳିଥିଲା ସଫଳତା। ଏକ ଘରୁ ନଗଦ ୧୭ ଲକ୍ଷ ୫୫ ହଜାର ଟଙ୍କା ଜବତ ହୋଇଥିଲା, ଏହାସହ ଦୁଇ କେଜିରୁ ଅଧିକ ପରିମାଣର ସୁନା ମଧ୍ୟ ମିଳିଥିଲା। ତେବେ ଗୁରୁବାର ଭିଜିଲାନ୍ସ ଚଢଉରେ ମୋଟ ୧୦ କୋଟିରୁ ଅଧିକ ଟଙ୍କାର ସମ୍ପତି ଠାବ ହୋଇଥିବାର ସୂଚନା ମିଳିଛି। ଏସବୁ ମଧ୍ୟରେ ୪ଟି ବହୁତଳ କୋଠା, ୧ କୋଟି ଟଙ୍କାର ଫ୍ଲାଟ୍, ୧୧ଟି ପ୍ଲଟ, ୧୪ ଏକ ଜମିରେ ଫାର୍ମ ହାଉସ୍ ରହିଛି।

## ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଓଡ଼ିଶା ପୁଲିସ ଗ୍ରୁପ୍ ବି ମିଳିତ ନିଯୁକ୍ତି ପରୀକ୍ଷା ସ୍ଥଗିତ




**ଭୁବନେଶ୍ୱର,୦୭/୦୩ ନ୍ୟୁଜ ବ୍ୟୁରୋ**
ଯୁବକଂଗ୍ରେସ ଦାବି ଆଗରେ ନରମିଲେ ସରକାର। ଆସନ୍ତା ୮ ଓ ୯ ତାରିଖରେ ହେବାକୁ ଥିବା ଓଡ଼ିଶା ପୁଲିସର ଗ୍ରୁପ୍ 'ବି' ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷାକୁ ସ୍ଥଗିତ କରିଛନ୍ତି। ତେବେ ଏ ନେଇ ଯୁବନେତା ୟାସିର ନୱାଜ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନା କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।
ତେବେ ପୁଲିସ ଏସଆଇ, ଆସିଷ୍ଟାଣ୍ଟ ଜେଲର ଏବଂ ଫାୟାର ସର୍ଭିସର ଷ୍ଟେସନ ଅଫିସର ନିଯୁକ୍ତି ପରୀକ୍ଷା ପରିଚାଳନା କରିବା ନେଇ ଆଇଟିଆଇ ଲିମିଟେଡ୍ ଏକ ପିଏସୟୁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏହି ସଂସ୍ଥା ରିଚ୍‌ମାଇଣ୍ଡ ଡିଜିଟାଲ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ସବ କଣ୍ଟ୍ରାକ୍ଟ ଦେଇଥିଲା। ସବ କଣ୍ଟ୍ରାକ୍ଟ ନେଇଥିବା ରିଚମାଇଣ୍ଡ ଡିଜିଟାଲ୍ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ପରୀକ୍ଷା ପରିଚାଳନାରେ ଦୁର୍ନୀତି ବାବଦରେ ଯୁବକଂଗ୍ରେସ ଅଭିଯୋଗ ଆଣିବା ସହିତ ପୂର୍ବର ବିଭିନ୍ନ ପ୍ରମାଣ ଦେଖାଇଥିଲା। ଯାହାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାରୁ ଯୁବନେତାମାନେ ଧନ୍ୟବାଦ ଦେଇଛନ୍ତି।

## ଅଷ୍ଟ୍ରେଲିଆ ସୁନା ଉତ୍ପାଦନରେ ବିଶ୍ୱର ଏକ ନମ୍ବର ଦେଶ

**ନୂଆଦିଲ୍ଲୀ, ୭/୩**
ମୂଲ୍ୟବାନ ଧାତୁ 'ସୁନା'ର ଚାହିଦା ଖୁବ୍ ଅଧିକ। ଏବେ ସୁନା ସାଧାରଣ ଲୋକଙ୍କ ଲାଗି ଅପହଞ୍ଚ ହୋଇଛି। ଏହାର ମୂଲ୍ୟ ଏତେ ଅଧିକ ବଢ଼ିଯାଇଛି ଯେ, ଏହାକୁ କିଣିବା କଷ୍ଟସାଧ ହୋଇପଡ଼ିଛି। ସୁନା ଯେକୌଣସି ଦେଶର ଅର୍ଥନୀତିକୁ ପ୍ରଭାବିତ କରିବାରେ ମୁଖ୍ୟ ଭୂମିକା ନେଉଛି। ସୁନା ଏତେ ମୂଲ୍ୟବାନ ଧାତୁ ଯେ ଏହାକୁ ପରିବାରରୁ ଦେଶ ପର୍ଯ୍ୟନ୍ତ ସବୁର ଆର୍ଥିକ ଆଧାର ଭାବରେ ବିବେଚନା କରାଯାଏ। ଦେଶଗୁଡ଼ିକର ଅର୍ଥନୀତିରେ ଉତ୍ଥାନ-ପତନ ସମୟରେ ସୁନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏପରି ପରିସ୍ଥିତିରେ, ପ୍ରମୁଖ ସୁନା ଉତ୍ପାଦନକାରୀ ଦେଶଗୁଡ଼ିକ ଏହାର ଭଣ୍ଡାର ରଖିଥିବାରୁ ବେଶ୍ ଲାଭବାନ ହେଉଛନ୍ତି। ସାରା ବିଶ୍ୱରେ ସୁନା ଖଣି ଏବଂ ଉତ୍ପାଦନ ସଂଖ୍ୟାରେ ୭ଟି ଦେଶ ଆଗରେ ଅଛନ୍ତି। ୨୦୨୩ ବର୍ଷ ପାଇଁ ସୁନା ଉତ୍ପାଦନକାରୀ ଦେଶଗୁଡ଼ିକ ସଂପର୍କରେ ରିପୋର୍ଟ ପ୍ରକାଶ କରିଛି ଆଇଡିଆର। ଏହି ତାଲିକାରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ୨୦୨୩ ମସିହାରେ ଅଷ୍ଟ୍ରେଲିଆ ଏହାର ଖଣିରୁ ସର୍ବାଧିକ ସୁନା ଉତ୍ତୋଳନ କରିଛି। ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଅଷ୍ଟ୍ରେଲିଆ ସୁନା ଉତ୍ପାଦନରେ ବିଶ୍ୱର ଏକ ନମ୍ବର ଦେଶ। ଅଷ୍ଟ୍ରେଲିଆ ୧୨,୦୦୦ ଟନ୍ ସୁନା ଉତ୍ପାଦନ କରି ଏହି ସଫଳତା ହାସଲ କରିଛି। ଅଷ୍ଟ୍ରେଲିଆର ଜିଡିପିରେ ସୁନାର ଯୋଗଦାନ ୮ ପ୍ରତିଶତ ରହିଛି। ଦ୍ୱିତୀୟ ସ୍ଥାନରେ ରୁଷ ଥିବା ବେଳେ ୨୦୨୩ରେ ୧୧,୧୦୦ ଟନ୍ ସୁନା ଉତ୍ପାଦନ କରିଥିଲା। ୨୦୧୦ ମସିହାରୁ ରୁଷ ୟୁରୋପର ଶୀର୍ଷ ସୁନା ଯୋଗାଣକାରୀ ଦେଶ ହୋଇ ରହିଛି। ଦକ୍ଷିଣ ଆଫ୍ରିକା ପୂର୍ବ ବର୍ଷ ତୁଳନାରେ ୨୦୨୩ରେ ୫ ହଜାର ଟନ୍ ସୁନା ଉତ୍ପାଦନ କରିଥିଲା। କମ୍ ସୁନା ଉତ୍ପାଦନ ସତ୍ତ୍ୱେ ଆଫ୍ରିକାର ସର୍ବବୃହତ୍ତମ ସୁନା ଉତ୍ପାଦନକାରୀ ଦେଶ ହେଉଛି ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକା ବକ୍ସବର୍ଗର ରାନଡ୍‌ଖଣିରୁ ସର୍ବାଧିକ ପରିମାଣର ସୁନା ଉତ୍ପାଦନ କରୁଛି। ଏହି ଖଣି ଭୂପୃଷ୍ଠରୁ ୩,୫୮୫ ମିଟର ତଳେ ରହିଛି। ବିଶ୍ୱର ଗଭୀରତମ ଖଣି ମଧ୍ୟରୁ ଅନ୍ୟତମ ରାନଡ୍ ମାଇନ୍ସ। ସେପଟେ ୨୦୨୩ରେ ୩,୦୦୦ ଟନ୍ ସୁନା ଉତ୍ପାଦନ କରିବା ସହ ବିଶ୍ୱ ବଜାରରେ ନିଜର ସ୍ଥିତି ସୁଦୃଢ଼ ରଖିଛି। ନେଭାଡା ଏବଂ କଲୋରାଡୋ ଆମେରିକାର ପ୍ରମୁଖ ସୁନା ଖଣି। ଆମେରିକା ଭଳି ଚୀନ୍ ୨୦୨୩ ମସିହାରେ ୩,୦୦୦ ଟନ୍ ସୁନା ଉତ୍ପାଦନ କରିଛି। ଚୀନ୍‌ର ସାମ୍ପ୍ରତିକ ପରିବେଶ ନୀତି ଏହାର ଖଣି ଶିଳ୍ପକୁ ପ୍ରଭାବିତ କରିଛି। ଚୀନ ପରେ ଇଣ୍ଡୋନେସିଆ ୨୦୨୩ରେ ୨୬୦୦ ଟନ୍ ସୁନା ଉତ୍ପାଦନ କରିଛି। ଇଣ୍ଡୋନେସିଆ ପାପୁଆର ଗ୍ରାସବର୍ଗ ସୁନାଖଣି ଉପରେ ନିର୍ଭରଶୀଳ। ଏହା ବିଶ୍ୱର ସବୁଠାରୁ ବଡ଼ ସୁନା ଭଣ୍ଡାର ମଧ୍ୟରୁ ଗୋଟିଏ।

